RNI No.ODIODI/2010/33031

୧୫ ବର୍ଷ | Volume- 15

ISSUE - 236 | ସଂଖ୍ୟା-୨୩୬

ଭୁବନେଶ୍ୱର, ଶନିବାର ୩୦, ନଭେମ୍ବର, ୨୦୨୪

Bhubaneswar, Saturday 30, November, 2024

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

ମନ୍ଥନ

www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର




# ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସବୁବେଳେ ସମର୍ଥନ ଦେଇ ଆସୁଛି : ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ନି.ପ୍ର.): ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିମାନବନ୍ଦର ନିକଟରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଜୟ ଜଗନ୍ନାଥ...ଜୟ ଜଗନ୍ନାଥ..ରୁ

- ବିମାନବନ୍ଦର ନିକଟରେ ଜନସଭାକୁ ସମ୍ବୋଧିତ କଲେ ମୋଦୀ
- ଜୟ ଜଗନ୍ନାଥରୁ ସମ୍ବୋଧନ କରି ବାଲିଯାତ୍ରା କଥା ମନେ ପକାଇଲେ
- ଓଡିଶାରେ ପାଳନ ହେବ ପ୍ରବାସୀ ଭାରତୀୟ ଦିବସ
- ଓଡିଶା ମାଟିରୁ ବିରୋଧୀଙ୍କୁ କଲେ ଟାର୍ଗେଟ
- ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶକରେ ପୁଲିସବାହିନୀ ଆହୁରି ସୁଦୃଢ ହେବ : ମୁଖ୍ୟମନ୍ତ୍ରୀ

ଭାଷଣ ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଭାଇ-ଭଉଣୀମାନଙ୍କୁ ମୋର ନମସ୍କାର, ଜୁହାର। ଓଡ଼ିଶାର ସବୁ ପରିବାର ମା'-ମାଉସୀ, ଭାଇ-ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ନିକଟରେ ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀରେ ଓଡ଼ିଶା ପର୍ବରେ ଯୋଗଦେବାର ସୁଯୋଗ ମିଳିଥିଲା। ସେଠାରେ ଓଡ଼ିଶାର ଚା' ପିଇଥିଲି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ମହାରାଷ୍ଟ୍ର ନିର୍ବାଚନ ଫଳ, ହରିୟାଣା ନିର୍ବାଚନ ଫଳ ପରେ ଦେଶରେ ବିଶ୍ୱାସ ଭରିଛି। ଏହି ବିଜୟର ଆୟମାରମ୍ଭ ଓଡ଼ିଶାରୁ ହୋଇଛି। ବିରୋଧୀ ଦଳ ମୋଦୀ ସରକାରଙ୍କ ବିରୋଧରେ ସବୁବେଳେ ଅପପ୍ରଚାର କରୁଛନ୍ତି। କିନ୍ତୁ ଜନତା ମୋଦୀ ସରକାରଙ୍କୁ ଆଶୀର୍ବାଦ କରୁଛନ୍ତି। ସାଧାରଣ ନିର୍ବାଚନ-୨୦୨୪ ପୂର୍ବରୁ କିଛି ଲୋକ କହୁଥିଲେ ଓଡ଼ିଶାରେ ବିଜେପିର ବଳ ନାହିଁ। ମାତ୍ର ନିର୍ବାଚନ ଫଳାଫଳ ଓଲଟା ଦେଖାଗଲା। ଯେଉଁ ରାଜ୍ୟରେ ଆମ ସରକାର ନଥିଲା, ସେଠାରେ ଆମର ଯୋଜନାର ନାମକୁ ବଦଳାଇ ଦେଉଥିଲେ। କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ସବୁବେଳେ ସମର୍ଥନ ଦେଇ ଆସୁଛନ୍ତି। କେନ୍ଦ୍ରରେ ଓଡ଼ିଶାର ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରର କାର୍ଯ୍ୟ ଓଡ଼ିଶାବାସୀ ଗ୍ରହଣ କରିଛନ୍ତି। ଓଡ଼ିଶାକୁ ବିଜେପି ନୂଆନୂଆ ଯୋଜନା ଭେଟି ଦେଇଛି। ମୁଖ୍ୟମନ୍ତ୍ରୀ ଭାବେ ଗୁଜରାଟର ସେବା କରିବାକୁ ସୁଯୋଗ ମିଳିଛି। ପ୍ରଧାନମନ୍ତ୍ରୀ ଭାବେ ଦେଶବାସୀଙ୍କ ସୁଯୋଗ ମିଳିଛି। ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲା ପରେ ବିଶ୍ୱର କୋଣଅଣୁକୋଣରେ ଚର୍ଚ୍ଚା ହେଉଛି। ପୂରା ବିଶ୍ୱରେ ଭାରତର ପ୍ରଭାବ ବଢିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜନୀତିରେ ବିରୋଧୀମାନେ ବିରୋଧ କରିବା ସ୍ୱାଭାବିକ। ରାଜନୈତିକ ଦଳ ଜନତାକୁ ସଚେତନ କରିଥାନ୍ତି। ଆନ୍ଦୋଳନ ଆଗରୁ ହେଉଥିଲା ଏବଂ ଏବେ ବି ହେଉଛି।

ଉଦବୋଧନରେ ବାଲିଯାତ୍ରା କଥା ମନେପକାଇଛନ୍ତି। ଆଉ କହିଛନ୍ତି, ଚଳିତ ମାସରେ ଓଡିଶାରେ ବାଲିଯାତ୍ରାର ସଫଳ ଆୟୋଜନ ହେଲା । ଆଉ ଆଜି ମୁଁ ଏଠାରେ ଡିଜିପି ସମ୍ମିଳନୀରେ ଯୋଗ ଦେବାକୁ ଆସିଛି। ଆମେ ଦେଶରେ ୧୦୦ରୁ ୧୫୦ ବର୍ଷ ହେବ ଏହି ସମ୍ମିଳନୀ ଚାଲିଛି । ହେଲେ ଓଡିଶାରେ ଏହା ପ୍ରଥମଥର ହେଉଛି। ଦେଶର ପ୍ରମୁଖ କ୍ଷେତ୍ରର ମୁଖ୍ୟ ଏଠାରେ ରହି ପ୍ରେରଣା ନେଇ ନିଜ ନିଜ ସ୍ଥାନକୁ ଫେରିବେ। ୪ ଦିନ ପରେ ୪ ଡିସେମ୍ବରରେ ଏଠାରେ ନୌସେନା ଦିବସ ପାଳନ ହେବ । ପୁରୀର ବ୍ଲୁ ଫ୍ଲାଗ ବିଚରେ ନୌସେନା ତାର ଶକ୍ତି ଦେଖାଇବ। ଏହାର ଅର୍ଥ ଓଡିଶା ବୈଶ୍ୱିକ ନଜରର କେନ୍ଦ୍ରକୁ ଆସିବ । ପୁଣି ୨୦୨୫ ଜାନୁଆରୀ ୮ରୁ ୧୦ ଭିତରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ । ବିଶ୍ୱସାରା ଲୋକ ଆସିବେ। ଦୁନିଆର ଅନେକ ଲୋକଙ୍କୁ ସ୍ୱାଗତ କରିବାର ସୁଯୋଗ ମିଳିବ। ଓଡିଶାର ଭରପୂର ପ୍ରଚାର ପ୍ରସାର ହେବ।



ମୋଦୀ କହିଛନ୍ତି, ଆମେ ଓଡିଶାକୁ ଦେଶ ନୁହେଁ ଦୁନିଆର ନକ୍ସାରେ ପ୍ରାଥମିକତା ଦେବାକୁ ଚାହୁଁଛୁ। ଆପଣ ଏବେଠାରୁ ପ୍ରବାସୀ ଭାରତୀୟ ଦିବସର ପ୍ରସ୍ତୁତି ଆରମ୍ଭ କରନ୍ତୁ। ଏହା ଯେମିତି ଜି-୨୦ ଠାରୁ ଭଲ ହେବା ଦରକାର। ଏହା ଏମିତି ଏକ ମ□ ଯେଉଁଠି ସବୁ କାର୍ଯ୍ୟକର୍ତ୍ତା ନିଜ ସାମର୍ଥ୍ୟ ଦେଖାଇପାରିବେ। ଆମ ଓଡିଶା ସ୍ୱଚ୍ଛ ହେଉ ସୁନ୍ଦର ହେଉ ଏଠାକାର ସଂସ୍କୃତି ସହ ଲୋକେ ପରିଚିତ ହୁଅନ୍ତୁ। ଆମେ ଆଉ ଆପଣ ମିଶି ଓଡିଶା ଗୌରବକୁ ଆଗେଇ ନେବା । ଓଡିଶାରେ ଡବଲ ଇଞ୍ଜିନର ସରକାର ହେବା ପରେ ଏଠାରେ ସବୁ କ୍ଷେତ୍ରରେ ବିକାଶର ଗତି ବଢିବାରେ ଲାଗିଛି।ଖେଳ, ଶିକ୍ଷା, ପର୍ଯ୍ୟଟନରେ ରାଜ୍ୟ ଅଭୁତ ପୂର୍ବ ଆଗେଇ ଚାଲିଛି।

ଓଡିଶାର ଲୋକ ଆମ ସରକାର ଆସିବା ପରେ ଗୋଟିଏ ବଡ ଅନ୍ତର ଦେଖିବାକୁ ପାଉଛନ୍ତି। ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାର ବିଭିନ୍ନ ଅ□ଳକୁ ଯାଉଛନ୍ତି। ଲୋକମାନେ ଭାବୁଛନ୍ତି ମୁଖ୍ୟମନ୍ତ୍ରୀ ବି ଗାଁକୁ ଆସିପାରନ୍ତି। ସେ ସବୁ ଅ□ଳକୁ ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ମା ସୁଭଦ୍ରାଙ୍କ ଆଶୀର୍ବାଦ ନେଇ ଆମେ ସୁଭଦ୍ରା ଯୋଜନା ଆରମ୍ଭ କଲୁ। ମୁଁ ଖୁସି ଅଛି ଓଡିଶାରେ ବିଜେପିର ପ୍ରୟାସରୁ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଆଜି ଦେଶର ରାଷ୍ଟ୍ରପତି ଅଛନ୍ତି । ଯାହା ଆଦିବାସୀ ସମାଜ ପାଇଁ ଗର୍ବର କଥା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦୀ ଆହୁରି କହିଛନ୍ତି, ଆଜି ଓଡିଶାରେ ଆମ ସରକାର ସବୁ ଗ୍ୟାରେଣ୍ଟିକୁ ପୂରା କରିବାକୁ କାମ କରୁଛି। ଓଡିଶାରେ ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କାରେ ବିକ୍ରି ହେଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୫ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ପୁଣି ମୁଁ କହିବି ମୋଦୀଙ୍କ ଗ୍ୟାରେଣ୍ଟି ଗ୍ୟାରେଣ୍ଟି ପୂରା ହେବାର ଗ୍ୟାରେଣ୍ଟି । ଆମେ ଆମ ସଂକଳ୍ପକୁ ପୂରା କରିବୁ ଆଉ ବିକଶିତ ଓଡିଶା ପାଇଁ କାମ କରିବୁ।

ବିପକ୍ଷ ଦଳ ବିଜେପି ସରକାର ବିରୋଧରେ ଅପପ୍ରଚାର କରୁଛନ୍ତି ହେଲେ ଜନତା ବିଜେପି ସରକାରର କାମକୁ ଦେଖି ତାଙ୍କୁ ଆଶୀର୍ବାଦ ଦେବା ପାଇଁ ମୈଦାନକୁ ଆସନ୍ତି । ନିର୍ବାଚନ ପୂର୍ବରୁ ବଡ ବଡ ପଲିଟିକାଲ ଏକ୍ସପର୍ଟ କହୁଥିଲେ ଓଡିଶାରେ ବିଜେପି ଛିଡା ହୋଇପାରିବନି । ହେଲେ ଯେତେବେଳେ ଫଳାଫଳ ଆସିଲା ଯେଉଁମାନେ ନିଜକୁ ତିସମାର ଖାନ ଭାବୁଥିଲେ ସେମାନେ ଚୁପ ହୋଇଗଲେ। ଓଡିଶାର ଲୋକମାନେ ବିଜେପିର କାମକୁ ବିଶ୍ୱାସ କରିଛନ୍ତି । ଯେତେବେଳେ ରାଜ୍ୟରେ ଆମ ସରକାର ନଥିଲା ଆମ ଯୋଜନାର ନାଁକୁ ବଦଳାଇ ଦେଉଥିଲେ। ତଥାପି ଆମେ କାମ କରିଚାଲିଥିଲୁ । ମୁଁ କହି ରଖୁଛି ଭାରତ ସରକାରରେ ଯେତିକି ଓଡିଆ। ପ୍ରତିନିଧିତ୍ୱ ରହିଛି ଆଗରୁ କେବେ ହୋଇନଥିଲା । ଆମେ ଓଡିଶା ପାଇଁ ନୂଆ। ନୂଆ। ଯୋଜନା କରିଥିଲୁ ସବୁ ବର୍ଗର ସମାନ ଭାବେ ସେବା କରିଥିଲୁ । ତେଣୁ ଏଠିକାର ଜନତା ବିଜେପି ଉପରେ ଭରସା କଲେ ଆଉ ହୃଦୟ ଖୋଲି ଆଶୀର୍ବାଦ ଦେଲେ । ଭାଷା କେବେ ପ୍ରତିବନ୍ଧକ ହେଲାନି କାରଣ ଭାବ ଶକ୍ତିଶାଳୀ ଥିଲା । ଆମେ ୨୦୧୪ରେ ଆସିଲୁ, ୨୦୧୯ରେ ଆସିଲୁ ଯେତିକି ପ୍ରଭାବ ଥିଲା ତାଠାରୁ ଅଧିକ ପ୍ରଭାବ ୨୦୨୪ରେ ରହିଛି । ମୁଁ ମାନୁଛି ରାଜନୀତିରେ ନୀତିଗତ ବିରୋଧ ବହୁତ ସ୍ୱଭାବିକ । ଯେଉଁ ଲୋକ ସତ୍ତାକୁ ନିଜ ଜନ୍ମଗତ ଅଧିକାର ଭାବୁଥିଲେ । ସେମାନଙ୍କ ପାଖରେ କେନ୍ଦ୍ରର ସତ୍ତା ଗତ ଏକ ଦଶକରୁ ହରାଇ ସାରିଛନ୍ତି। ସେମାନଙ୍କର ରାଗ ଜନତାଙ୍କ ଉପରେ ବି ରହିଛି ।ସେମାନଙ୍କ ଜିଦ ପାଇଁ ସେମାନେ ଦେଶ ବିପକ୍ଷରେ ଷଡଯନ୍ତ୍ର କରୁଛନ୍ତି । ଦେଶକୁ ଖରାପ ରାସ୍ତାରେ ନେଇ ଯିବାକୁ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ।ମୁଁ ସବୁ ଦେଶବାସୀଙ୍କୁ କହିବାକୁ ଚାହୁଁଛି ଆମକୁ ସବୁସ୍ଥିତିରେ ସତର୍କ ରହିବାକୁ ହେବ । ଲୋକଙ୍କୁ ସଚେତନ କରିବାକୁ ହେବ । ସତ୍ତାର ଭୋକିଲା ଏହି ଲୋକ ଜନତାଙ୍କୁ ମିଛ କହି ଆସୁଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାରେ ପ୍ରଥମ ଥର ପାଇଁ ଡିଜିପି ସମ୍ମିଳନୀର ଆୟୋଜନ ହେଉଛି। କେନ୍ଦ୍ରର ମାର୍ଗଦର୍ଶନରେ ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତିୟ ମହିଳା, ଚାଷୀ, ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର କାମ କରୁଛନ୍ତିୟ ରାଜ୍ୟ ସରକାର ଶିଳ୍ପ ପ୍ରତିଷ୍ଠା ଜରିଆରେ ଯୁବବର୍ଗଙ୍କୁ ନିଯୁକ୍ତି ଓ ରୋଜଗାର ଦେବା ଦିଗରେ କାମ କରୁଛନ୍ତି। ୨୦୩୬ରେ ଓଡ଼ିଶା ଗଠନର ଶତବାର୍ଷିକୀ ବେଳକୁ ବିକାଶର ଶୀର୍ଷରେ ପହ□ାଇବାକୁ ଉଦ୍ୟମ କରିବୁ।

## ବାଘଛାଲ ସହ ଦେଶୀ ବନ୍ଧୁକ ଜବତ

ଘୁ.ଉଦୟଗିରି,୨୯।୧୧(ନି.ପ୍ର.): ଶକ୍ତିଶାଳୀ ବାଘ ଦୁର୍ବଳ ହୋଇଯାଇଛି। ମନୁଷ୍ୟର ବିଚକ୍ଷଣ ବୁଦ୍ଧି ଆଗରେ ବାଘମାନେ ହାରମାନିଛନ୍ତି। ସେଥିପାଇଁ ମନୁଷ୍ୟ ଦ୍ୱାରା ଅକ୍ରୋଶର ଶିକାର ହେଉଛନ୍ତି। ରାଜ୍ୟରେ ବାରମ୍ବାର ବାଘ ଶିକାର ଘଟଣା ଲୋକଲୋଚନକୁ ଆସୁଛି। କନ୍ଧମାଳ ଜିଲ୍ଲା ଜି ଉଦୟଗିରି ବନ ବିଭାଗ ପକ୍ଷରୁ ବାଘ ଛାଲ ଓ



ଦେଶୀ ବନ୍ଧୁକ ଜବତ କରାଯାଇଛି। କିନ୍ତୁ ବନ ବିଭାଗ ଏନେଇ ମୁହଁ ଖୋଲୁ ନାହାନ୍ତି।

କଳିଙ୍ଗା ସେକ୍ସନରେ ବାଘ ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦୁଇଟି ସ୍ଥାନରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ଏକ ଦେଶୀ ବନ୍ଧୁକ ପାଇଥିବା ବେଳେ ଅନ୍ୟଜଣକୁ ଏହିଭଳି ଦୁଇ ଜଣକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ବେଳେ ଏହି ବାଘ ଶିକାରରେ ଅନ୍ୟ କିଛି ଜଣ ସମ୍ପୃକ୍ତ ଥିବା ନେଇ ତନାଘନା ଚଳେଇଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। କିନ୍ତୁ ଏହି ଘଟଣାକୁ ନେଇ ବନ ବିଭାଗ ଅଧିକାରୀ ମୁହଁ ଖୋଲୁନାହାନ୍ତି। କୌଣସି ପ୍ରତିକ୍ରିୟା ଦେବାକୁ ପ୍ରସ୍ତୁତ ନାହାନ୍ତି।

## ବଦଳିଲା ପାଣିପାଗ, ରାଜଧାନୀରେ କୋହଲା ପାଗ ସାଙ୍ଗକୁ ବର୍ଷା

ଭୁବନେଶ୍ୱର,୨୯।୧୧(ନି.ପ୍ର.): ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ଝିପିଝିପି ବର୍ଷା ଲାଗି ରହିଛି। ହାଲୁକାରୁ ମଧ୍ୟମଧରଣର ବର୍ଷା ନେଇ ଆଜି ୧୨ ଜିଲ୍ଲାକୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଜି ସକାଳେ ଭୁବନେଶ୍ୱର, କଟକ, ପୁରୀ, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରିଓ ରାୟଗଡ଼ା ଜିଲ୍ଲାରେ ପାଗ କୋହଲା ଥିଲ। ପରେ କିଛି କିଛି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହୋଇଛି।

ଅନ୍ୟପକ୍ଷରେ ହାଲୁକାରୁ ମଧ୍ୟମଧରଣର ବର୍ଷା ନେଇ ୩ ଘଣ୍ଟା ପାଇଁ ଆଜି ୧୨ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହି ଜିଲ୍ଲା ଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି ଓ ଗଞ୍ଜାମ।

ବାତ୍ୟା 'ଫେଙ୍ଗଲ' ପ୍ରଭାବରେ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ପ୍ରବଳ ବର୍ଷା ହେବା ସହ ପବନ ହେଉଛି। ତାମିଲନାଡୁର କୁଡାଲୋର, କରାଇକାଲ, ଆଥିରାମପାଟ୍ଟିନମ୍, ପାରଙ୍ଗିପେଟ୍ଟାଇ, ମୀନାମ୍ବକମ୍ ସମେତ ତାମିଲନାଡୁର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେଉଛି। ଆସନ୍ତାକାଲି କାଲି ତାମିଲନାଡୁ-ଆନ୍ଧ୍ର ମଝିରେ ଲ୍ୟାଣ୍ଡଫଲ୍ କରିବ 'ଫେଙ୍ଗଲ'।

ଏହା ପ୍ରଭାବରେ ତାମିଲନାଡୁ-ଆନ୍ଧ୍ରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ହେଲେ ବାତ୍ୟା 'ଫେଙ୍ଗଲ' ପ୍ରଭାବ ଓଡ଼ିଶା ଉପରେ ବିଶେଷ ଭାବରେ ପଡ଼ିବ ନାହିଁ। ବାତ୍ୟା 'ଫେଙ୍ଗଲ' ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଝିପି ଝିପି ବର୍ଷାରେ ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

# ଭୁବନେଶ୍ୱରରେ ଆରମ୍ଭ ହେଲା ତିନିଦିନିଆ ଡିଜିପି ସମ୍ମିଳନୀ

ଭୁବନେଶ୍ୱର,୨୯।୧୧(ନି.ପ୍ର.): କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଭୁବନେଶ୍ୱରରେ ୫୯ତମ ପୁଲିସ ଡିଜି/ଆଇଜି ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଦ୍ୱିତୀୟ ଏବଂ ତୃତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ। ହାଇବ୍ରିଡ୍ ମୋଡରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମୁଖ୍ୟ ଏବଂ ସିଏପିଏଫ୍/ସିପିଓର ମୁଖ୍ୟମାନେ ଯୋଗ ଦେଇଛନ୍ତି। ଆହୁରି ମଧ୍ୟ, ସାରା ଦେଶରୁ ଅନେକ ପୁଲିସ ଅଧିକାରୀ ଏହି ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରୁଛନ୍ତି। ଆଜି ହୋଇଥିବା ଆଲୋଚନାରେ ଜାତୀୟ ସୁରକ୍ଷା ପରାମର୍ଶଦାତା, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ମଧ୍ୟ ଯୋଗ ଦେଇଥିଲେ।





କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁଇନ୍ଦା ବ୍ୟୁରୋ ଅଧିକାରୀମାନଙ୍କୁ ବିଶିଷ୍ଟ ସେବା ପାଇଁ ପୁଲିସ ପଦକ ପ୍ରଦାନ କରିଥିଲେ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଙ୍କିଙ୍ଗ ଅଫ୍ ପୁଲିସ ଷ୍ଟେସନସ୍ ୨୦୨୪ ପୁସ୍ତକକୁ ମଧ୍ୟ ଉନ୍ମୋଚନ କରିଥିଲେ। ସେ ଦେଶର ତିନୋଟି ଶ୍ରେଷ୍ଠ ଥାନାକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଉଦଘାଟନୀ ଅଭିଭାଷଣରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ଏବଂ ୩ଟି ନୂଆ ଅପରାଧିକ ଆଇନକୁ ବାଧାମୁକ୍ତ ଭାବେ କାର୍ଯ୍ୟକାରୀ କରିଥିବାରୁ ପୁଲିସ ନେତୃତ୍ୱଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜାମ୍ମୁ-କାଶ୍ମୀର, ଉତ୍ତର-ପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ସ୍ଥିତିରେ ସୁଧାର ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଶାହ କହିଥିଲେ, ୩ଟି ନୂଆ ଅପରାଧିକ ଆଇନ ଦ୍ୱାରା ଭାରତର ଅପରାଧିକ ନ୍ୟାୟ ପ୍ରଣାଳୀ, ଯାହା ପୂର୍ବରୁ ଦଣ୍ଡ-କେନ୍ଦ୍ରିତ ଥିଲା, ତାହା ଏବେ ନ୍ୟାୟ କେନ୍ଦ୍ରିତ ହୋଇପାରିଛି। ସେ କହିଥିଲେ ଯେ ଏସବୁ ନୂଆ ଆଇନର ମୂଳ ଭାବନା ଭାରତୀୟ ପରମ୍ପରା ଦ୍ୱାରା ଅନୁପ୍ରାଣିତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ର ଏବଂ ୨୦୨୭ ମସିହା ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ୟୁପି ଜାମା ମସଜିଦ୍ ସର୍ଭେ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି): ଉତ୍ତରପ୍ରଦେଶ ସମ୍ଭଲ ଜାମା ମସଜିଦ ସର୍ଭେ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ। ଶାହି ଇଦଗାହ ମସଜିଦରେ ସର୍ଭେକୁ ବିରୋଧ କରି ହୋଇଥିବା ଆନ୍ଦୋଳନରେ ପା□ ଜଣଙ୍କ ମୃତ୍ୟୁ ପରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ। ମସଜିଦର ଶାହି ଇଦଗାହ କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହେବା ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ବନ୍ଦ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ଭଲରେ ଜାମା ମସଜିଦ ନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦୀୟ ମୋଗଲ ଶାସକ ବାବରଙ୍କ ସମୟରେ ୧୫୨୬ ମସିହାରେ ଏଠାରେ ହିନ୍ଦୁ ମନ୍ଦିର ଉଚ୍ଛେଦ କରାଯାଇ ଜାମା ମସଜିଦ ନିର୍ମାଣ କରାଯାଇଥିବା ଅଭିଯୋଗ କରିଛନ୍ତି ହିନ୍ଦୁ ପକ୍ଷ। ଏହାକୁ ନେଇ ହିନ୍ଦୁ ପକ୍ଷ ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ମସଜିଦ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଏହି ଆବେଦନର ଶୁଣାଣି କରି ଟ୍ରାଏଲ କୋର୍ଟ ପ୍ରତ୍ନତାତ୍ତ୍ୱିକ ସର୍ଭେ କମିଟିକୁ ସର୍ଭେ (ଏଏସ୍ଆଇ) ନିର୍ଦ୍ଦେଶ ଦେଇଥିଲେ।



ଏହି ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ନଭେମ୍ବର ୨୪ରେ ସର୍ଭେ ଆରମ୍ଭ କରିଥିଲା। ଏହି ସମୟରେ ଜାମା ମସଜିଦ ନିକଟରେ ଶହ ଶହ ଲୋକେ ଉପସ୍ଥିତ ହୋଇ ସର୍ଭେକୁ ବିରୋଧ କରିଥିଲେ। ଏପରିକି ସର୍ଭେ ଟିମ୍ ଉପରକୁ ପଥର ମାଡ଼ କରିବା ପରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ଏବେବି ସେଠାରେ ସ୍ଥିତି ଅଶାନ୍ତ ରହିଛି। ଏହାକୁ ନେଇ ମସଜିଦ କମିଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ପି.ଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ସର୍ଭେ ସ୍ଥଗିତ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ସର୍ଭେ କମିଟିକୁ ରିପୋର୍ଟ ସିଲ୍ କଭରରେ ରଖିବାକୁ କହିଛନ୍ତି। ସର୍ଭେ ରିପୋର୍ଟ ସିଲ୍ ଯେପରି ଖୋଲେ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଛନ୍ତି, ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବାକୁ ପଡିବ। ଆମେ କିଛି ଚାହୁଁ ନାହୁଁ... ଆମକୁ ସମ୍ପୂର୍ଣ୍ଣ ନିରପେକ୍ଷ ହେବାକୁ ପଡିବ ଏବଂ ଯେପରି କୌଣସି ଭୁଲ୍ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ପରବର୍ତ୍ତୀ ଶୁଣାଣି ଆସନ୍ତା ବର୍ଷ ଜାନୁୟାରୀ ୬ରେ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

## ଅର୍ବାନ ମାଜେଷ୍ଟିକ୍ କାମକୁ ତୁରନ୍ତ ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୧୧(ନି.ପ୍ର.): ଭୁବନେଶ୍ୱର ପଟିଆ ଅଂଚଳରେ ତିଆରି ଚାଲିଥିବା ଅର୍ବାନ ମାଜେଷ୍ଟିକ୍ କାମକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମସି)। ବିଏମସି କମିଶନର ନଭେମ୍ବର ୧୯ ତାରିଖରେ ଦେଇଥିବା ନିର୍ଦ୍ଦେଶରେ ସାଧାରଣ ପ୍ରଶାସନ ବିଭାଗ (ଜିଏ)ର ସେପ୍ଟେମ୍ବର ୨୧ ତାରିଖର ଚିଠି ମୁତାବକ ଏଭଳି ବିବାଦୀୟ କାମକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତିୟ ଆପାର୍ଟମେଣ୍ଟ ନିର୍ମାଣ ହେଉଥିବା ଜମି ବିବାଦୀୟ ହୋଇଥିବାରୁ ଉପଯୁକ୍ତ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ପଡ଼ିବୟ ଏହି ଜମିରେ ପ୍ରକଳ୍ପ କାମ ଆଗେଇ ନେଉଥିବା ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡର ଅନ୍ୟତମ ନିର୍ଦ୍ଦେଶକ ଅମନ ଅଗ୍ରୱାଲଙ୍କୁ ଏହି ଚିଠି କରାଯାଇଛି।

କିଟ୍ ଛକଠାରୁ ମାତ୍ର କିଛି ଦୂରରେ ଥିବା ଏହି ୫ ଏକର ଜମିକୁ ୧୯୭୯ ମସିହାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜର ପ୍ରୋପାଇଟର ତେଜପାଲ ସିଂହଙ୍କୁ ୯୯ ବର୍ଷ ଲିଜରେ ଦିଆଯାଇଥିଲା। ମାତ୍ର ୧୯୯୪ ମସିହାରେ ନୟାପଲ୍ଲୀ ଦିନଲିପି ଭବନରୁ ଚାଲୁଥିବା ଏକ କମ୍ପାନୀ- ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ ୨୦୧୩ ମସିହାରେ ଡିଡ୍ ଅଫ୍ ଆସାଇନମେଣ୍ଟ ଜରିଆରେ ସମସ୍ତ ସମ୍ପତ୍ତିର ମାଲିକ ହୋଇଥିଲା ବୋଲି ଓରେରା, ବିଏମସି, ଡିଆଇସି ଭଳି କର୍ତ୍ତୃପକ୍ଷଙ୍କୁ ଦର୍ଶାଇଥିଲା।

## ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ନେଇ ସସ୍‌ପେନ୍ସ ଜାରି

ମୁମ୍ବାଇ,୨୯।୧୧(ଏଜେନ୍ସି): ମହାରାଷ୍ଟ୍ରରେ କିଏ ହେବ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ନା ଦେବେନ୍ଦ୍ର ଫଡନାଭିସ, ନା ଏମାନଙ୍କ କଳି ଭିତରୁ ଫାଇଦା ନେବେ ଅଜିତ ପାୱାର ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଥିବା ବେଳେ ଦୁଇ ଦୁଇଟି ବୈଠକ ବାତିଲ କରି ଏକନାଥ ସିନ୍ଦେ ନିଜ ପୈତୃକ ଗାଁକୁ ଚାଲିଯିବା ଘଟଣା ଏବେ ପୁଣି ନୂଆ ଚର୍ଚ୍ଚାକୁ ଜନ୍ମ ଦେଇଛି। ଆଜି ବିଜେପି, ଏନସିପି ଓ ଶିବସେନା ମେଣ୍ଟ ମହାୟୁତିର ବୈଠକ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିଲା, ଏହାସହ ଶିବସେନା ସିନ୍ଦେ ଗୋଷ୍ଠୀର ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଅନୁଷ୍ଠିତ ହେବାର ଥିଲା। ହେଲେ ହଠାତ ଉଭୟ ବୈଠକକୁ ବାତିଲ କରି ଏକନାଥ ସିନ୍ଦେ ନିଜ ପୈତୃକ ଗ୍ରାମକୁ ଚାଲି ଯାଇଛନ୍ତି। କୁହାଯାଉଛି କି ଦୁଇଦିନ ପରେ ଏହି ଦୁଇଟି ବୈଠକ ଅନୁଷ୍ଠିତ ହେବ।ସୂତ୍ର ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ ସହମତି ହୋଇଛି। ହେଲେ କିଛି ମନ୍ତ୍ରୀପଦକୁ ନେଇ ବୁଝାମଣା ହୋଇପାରୁନି। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ଫର୍ମୁଲା ଉପରେ ସହମତି ହୋଇଥିଲେ ବି, ଉପମୁଖ୍ୟମନ୍ତ୍ରୀ ପଦରେ ଏକନାଥ ସିନ୍ଦେ ସନ୍ତୋଷ୍ଟ ନଥିବା କଥା କୁହାଯାଉଛି। ଏକନାଥ ସିନ୍ଦେ ଗୋଷ୍ଠୀର ବିଧାୟକ ତଥା ଦଳର ପ୍ରବକ୍ତା ସଂଜୟ ଶିରାସଟ କହିଛନ୍ତି କି, ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ପଦରେ ସନ୍ତୋଷ୍ଟ ନାହାଁନ୍ତି। ସେପଟେ ବିଜେପି ନିଜ ପାଖରେ ଗୃହ ବିଭାଗ ଓ ଅଜିତ ପାୱାର ଗୋଷ୍ଠୀକୁ ଅର୍ଥ ବିଭାଗ ଦେବାର ସମ୍ଭାବନା ଥିବାରୁ ମନ୍ତ୍ରୀମଣ୍ଡଳରେ ସିନ୍ଦେ ଗୋଷ୍ଠୀର କୌଣସି ଗୁରୁତ୍ୱ ରହିବ ନାହିଁ। ବିଜେପି ତାର ସହଯୋଗୀଙ୍କୁ ୨୨ ଟି ମନ୍ତ୍ରୀପଦ ଦେବା ନେଇ ଆଲୋଚନା ହେଉଛି । ତା ମଧ୍ୟରୁ ସିନ୍ଦେ ଗୋଷ୍ଠୀକୁ ୧୨ ଓ ଅଜିତ ପାୱାର ଗୋଷ୍ଠୀକୁ ୯ ଟି ମିଳିପାରେ।

## ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ଯବାନ

ମନମୁଣ୍ଡା,୨୯।୧୧: ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ଯବାନ ଓ ଅ□ଳବାସୀ। ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ବେଳେ ମିଳିଲା ବିସ୍ଫୋରକ ସାମଗ୍ରୀ। ମାଟି ତଳେ ବିସ୍ଫୋରକ ସାମଗ୍ରୀ ପୋତା ଯାଇଥିଲା। ବିସ୍ଫୋରଣ ପୂର୍ବରୁ ମାଟି ଖୋଳି ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଛନ୍ତି ଡିଭିଏଫ୍ ଯବାନ ଓ ବମ୍ ସ୍କ୍ୱାର୍ଡ। ଏନେଇ ସୂଚନା ଦେଇଛନ୍ତି ବୌଦ୍ଧ ଏସ୍ପି ନାଗରାଜ ଦେବରକୋଣ୍ଡା।

## ଓଲଟି ପଡ଼ିଲା ବସ୍, ୧୦ ଯାତ୍ରୀ ମୃତ

ମୁମ୍ବାଇ,୨୯।୧୧ :ମହାରାଷ୍ଟ୍ରରେ ଏକ ବଡ଼ଧରଣର ସଡ଼କ ଦୁର୍ଘଟଣା ଘଟିଛି। ବସ୍ ଓଲଟି ପଡ଼ିବାରୁ ୧୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇ ଥିବାବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଏକ ସରକାରୀ ବସ୍ ପାଖାପାଖି ୫୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା। ଏହି ସମୟରେ ଗୋନ୍ଦିଆ ଜିଲ୍ଲା ବିନ୍ଦ୍ରବାନ ଟୋଲା ନିକଟରେ ହଠାତ ବସଟି ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ହିଁ ୧୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଏଥିସହ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିବା ଜଣେ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ଦଳୀୟ କାର୍ଯ୍ୟାଳୟରେ ଦୁଇ ଘଣ୍ଟା ଗୁରୁମନ୍ତ୍ର ଦେଲେ ମୋଦୀ

**ଭୁବନେଶ୍ୱର,୨୯।୧୧(ନି.ପ୍ର):** ତିନି ଦିନିଆ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାଜ୍ୟ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୨ଘଣ୍ଟା ଧରି ରହି ଦଳର ବିଧାୟକ, ସାଂସଦ,ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଏଥିସହ ସମସ୍ତଙ୍କ ସହ ମିଶି ଡିନର (ରାତ୍ରିଭୋଜନ) କରିଛନ୍ତି। ବେଶ୍ ହାଲକା ଓ ସହଜ ଢଙ୍ଗରେ ଦଳୀୟ ନେତାମାନଙ୍କ ସହ କଥା ହେଲେ, ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝିଲେ। ଆଉ ସାର୍ବଜନୀନ ଜୀବନରେ ରହିବା ପାଇଁ ଦେଲେ ଗୁରୁମନ୍ତ୍ର। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସମୟ ବିତାଇବାପରେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି ବିଜେପି ନେତା-ମନ୍ତ୍ରୀମାନେ।

ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୨ଘଣ୍ଟା ଧରି ଦଳର ବିଧାୟକ, ସାଂସଦ,ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନଙ୍କ ସହ ସମୟ ବିତାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ରାତ୍ରିଭୋଜନ କରି ରାଜଭବନ ଫେରିଯାଇଛନ୍ତି। ପୁଲିସ ଡିଜି ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ଦଳୀୟ ପଦାଧିକାରୀ,ବିଧାୟକ ଓ ସାଂସଦମାନଙ୍କୁ ଭେଟିଛନ୍ତି। କର୍ମକର୍ତ୍ତାଙ୍କ ଭଳି ସମସ୍ତଙ୍କ ସହ ମିଶିଥିଲେ।ନିଜ ମନକଥା କହିବା ସହ ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ବିଜେପିର ସରକାର ଆସିଥିବାରୁ ଦଳୀୟ ପଦାଧିକାରୀ ଓ ନେତାମାନଙ୍କ ସହ ସମୟ ବିତାଇ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ଉତ୍ସାହିତ କରିଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ଦଳୀୟ ନେତାଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ସୋସିଆଲ୍ ମିଡିଆ 'ଏକ୍ସ'ଯୋଗେ ନିଜର ଭାବନା ମତବ୍ୟକ୍ତ କରିଛନ୍ତି।ମୋଦିଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କର ସୁଖଦୁଃଖ ପଚାରି ବୁଝିଛନ୍ତି। ଆମ ନିମନ୍ତ୍ରଣ ରକ୍ଷା କରି ଅମେମାନଙ୍କ ସହ ରାତ୍ରିଭୋଜନ କରିବାକୁ ଆସିଥିଲେ। କୌଣସି ସେଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇନି।ଆଜିର ରାତ୍ରିଭୋଜନରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଓଡ଼ିଆ ଶୈଳୀରେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରାଯାଇଥିଲା।











# ଖଲ୍ଲିକୋଟ ବ୍ଲକରେ ଶିକ୍ଷକ ତାଲିମରେ ବଡ଼ ଘୋଟାଲା

ଖଲ୍ଲିକୋଟ,୨୯।୧୧: ରାଜ୍ୟସରକାର ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ ଖଲ୍ଲିକୋଟ ଙ୍କ ଚିଠି -୨୯୨୪ ତା - ୨୬.୧୧.୨୦୨୪ ପ୍ରକାରେ ଶିକ୍ଷକମାନଙ୍କର ସମ୍ବଳ ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରୟୋଗ ତାଲିମ୍ ଏବଂ ଷଷ୍ଠଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକମାନଙ୍କୁ STARS ତାଲିମ ପ୍ରଦାନକରିବା ନିମନ୍ତେ ବ୍ୟବସ୍ଥା ଥିଲେ ମଧ ଖଲ୍ଲିକୋଟ ବ୍ଲକରେ ତାର ଓଲଟା ଦେଖିବାକୁ ମିଳିଛି । ଶିକ୍ଷକ ମାନଙ୍କୁ ଠିକ୍ ସମୟରେ ତାଲିମ ନଦେଇ ଖାଅ। ଖାଅ। ଭଣ୍ଡାରିଅ। ମୁଣ୍ଡ ଖାଅ। - ଶିକ୍ଷକ ମାରଣ ନୀତି ଆପଣେଇ ଖଲ୍ଲିକୋଟ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଓ ବିଆରସିସି ସୁଶ୍ରୀ ସୁଷମା ଶବର ଜୋର ଜବରଦସ୍ତ ଶିକ୍ଷକମାନଙ୍କୁ ଓଲଟପାଲଟ କରି ଉଚ୍ଚପ୍ରାଥମିକ ତାଲିମରେ ପ୍ରାଥମିକ ଶିକ୍ଷକ ଓ ପ୍ରାଥମିକ ଶିକ୍ଷକ ତାଲିମ ରେ ଉଚ୍ଚପ୍ରାଥମିକ ଶିକ୍ଷକଙ୍କୁ ତାଲିମ୍ ରେ ଭର୍ତ୍ତିକରିବା ଉଦ୍ଦେଶ୍ୟ କ'ଣ ଥାଇପାରେ । ଯଦି ପ୍ରାଥମିକ ଶିକ୍ଷକଙ୍କୁ



ଉଚ୍ଚପ୍ରାଥମିକ ତାଲିମ ଦିଆଯାଏ ତେବେ ଉକ୍ତ ଶିକ୍ଷକ ପ୍ରାଥମିକ ଶିକ୍ଷାର୍ଥୀଙ୍କୁ କଣ ବା ଶିକ୍ଷା ପ୍ରଦାନ କରିବେ ଆପଣମାନେ ଏହା ସହଜରେ ଅନୁମେୟ କରିପାରିବେ । ବର୍ତ୍ତମାନ ଏହିପରି ବ୍ୟମ୍ବାର ତାଲିମ କାଯାଉଥିଲେ ମଧ ଶିକ୍ଷକମାନଙ୍କୁ ତାଲିମର ଝଇ, ଉଇ, ଉଇ, କୌଣସି ଅର୍ଥ ମିଳୁ ନାହିଁୟ ପ୍ରତ୍ୟେକ ଶିକ୍ଷକଙ୍କୁ ତାଲିମ ଶିବିରରେ ଶିକ୍ଷଣ ଉପକରଣ ପ୍ରସ୍ତୁତି ପାଇଁ୫୦ ଟଙ୍କା ଆସୁଥିଲେ ମଧ କୌଣସି ଶିକ୍ଷଣ ଉପକରଣ ପ୍ରସ୍ତୁତ ହେବାର ନଜିର ନାହିଁ । ସରକାରଙ୍କ ଚିଠି ପ୍ରକାରେ ପ୍ରତ୍ୟେକ ତାଲିମ କେନ୍ଦ୍ରରେଙ୍କଭସସ୍ୱ ମକ୍ଟସ୍ୱସ୍ୱ ସମସ୍ତଙ୍କ ଗୋଚ଼ରାର୍ଥେ କାନ୍ଥରେ ଟାଙ୍ଗିବା କଥା କିନ୍ତୁ କରାଯାଉ ନାହିଁ କାହିଁକି ? ଯଦି ଏହିପରି ସରକାରଙ୍କ ଅର୍ଥକୁ ଆତ୍ମସାତ କରାଯାଏ ତାହହେଲେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି କିପରି ହେବ ଏହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ମହୋଦୟ ଏଥିପ୍ରତି ଦୃଷ୍ଟିଦେବାକୁ ଜନସାଧାରଣରେ ଆଲୋଚନା ହେଉଛି ।

# ଗାନ୍ଧି ପବ୍ଲିକ ସ୍କୁଲରେ ସମ୍ବିଧାନ ଦିବସ ମହାସମାରୋହରେ ପାଳିତ

ଗୁଣୁପୁର,୨୯।୧୧:ଗୁଣପୁର ସ୍ଥିତ ଗାନ୍ଧି ପବ୍ଲିକ ସ୍କୁଲରେ ସମ୍ବିଧାନ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ଭାରତର ସମ୍ବିଧାନ ପ୍ରସ୍ତାବନା ପତ୍ରର ଏକ ମଡେଲ କୁ ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ ଉକ୍ତ ସମ୍ବିଧାନ ପ୍ରସ୍ତାବନା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ପାଠ କରାଇଥିଲେ । ଏକାଦଶ ଶ୍ରେଣୀ ଛାତ୍ରୀ ଶୀତଳଶ୍ରୀ ମହାପାତ୍ର ଅଭିଭାଷଣରେ ସମ୍ବିଧାନ ଦିବସ ବିଷୟରେ



କହିଥିଲେ । ଏହିପରିପ୍ରେକ୍ଷୀରେ ଅନୁଷ୍ଠିତ ସ୍ଲୋଗାନ,ଚିତ୍ରାଙ୍କନ,ପ୍ରବନ୍ଧ, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ଏ ଲକ୍ଷ୍ମୀରାଣୀ ସାମଗ୍ରିକ ଭାବେ ଶପଥ ପାଠ କରାଇଥିଲେ । ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ ଭାରତ ବିଶ୍ୱରେ ଏକ ମହାନ ଗଣତାନ୍ତ୍ରିକ ରାଷ୍ଟ୍ର ତେଣୁ ଆମ୍ଭମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ଦାୟିତ୍ୱବୋଧ ରହିଲେ ଆମେ ବିକାଶଶୀଳ ରାଷ୍ଟ୍ର ରୁ ବିକଶିତ ରାଷ୍ଟ୍ର ହୋଇପାରିବା । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଲେ ଭାରତର ସମ୍ବିଧାନ ଗଣତନ୍ତ୍ରର ମୂଲ୍ୟବୋଧକୁ ପରିପ୍ରକାଶ କରେ ,ସମ୍ବିଧାନ ପ୍ରତି ସମ୍ମାନ ପଦର୍ଶନ ପ୍ରତେକ ନାଗରିକଙ୍କ କର୍ତ୍ତବ୍ୟ ଅଟେ । ପରିଶେଷରେ ଶିକ୍ଷକ ଜି ଶିବାରେଡ଼ି ଧନ୍ୟବାଦ ଅର୍ପଣ କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ସମ୍ବିଧାନ ଦିବସ ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ଦଶପଲ୍ଲା ଟ୍ରେନରେ ନକଲି ଟିଟିଆଇ

ଦଶପଲ୍ଲା,୨୯।୧୧: ଦଶପଲ୍ଲା ରୁ ଭୁବନେଶ୍ୱର ଏବଂ ଦଶପଲ୍ଲା ରୁ ପୁରୀ ଟ୍ରେନ ଚଳା ଚଳ କରୁଥିବା ବେଳେ ଏହି ଟ୍ରେନ ରେ ନକଲି ଟି ଟି ଆଇ ଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି । ବିଶେଷ ଭାବେ ରାତିରେ ଭୁବନେଶ୍ୱର ରୁ ଦଶପଲ୍ଲା ଓ ପୁରୀରୁ ଦଶପଲ୍ଲା ଆସୁଥିବା ଟ୍ରେନ ରେ ଏହି ନକଲି ଟିଟିଆଇ ଙ୍କୁ ଦେଖିବାକୁ ମୁଳୁଛି । ଏହି ଟି ଟି ଆଇ ମାନେ ଟିଟିଆଇ ଡ୍ରେସ ପରିଧାନ କରି ଲୋକଙ୍କୁ ଟିଟି ଆଇ ର ପରିଚୟ ଦେଇ ଟଙ୍କା ଆଦାୟ କରୁଛନ୍ତି । ଯଦି କୌଣସି ଯାତ୍ରୀ ଟ୍ରେନ ଟିକେଟ କରି ନାହାନ୍ତି ତେବେ ତାଙ୍କଠାରୁ ତାର ପାଂଚଗୁଣା ଅର୍ଥ ଆଦାୟ କରୁଥିବା ବେଳେ ନୂତନ ଟିକେଟ ପ୍ରଦାନ କରୁ ନାହାନ୍ତି । ଏପରିକି ଧାର୍ଯ୍ୟ ମୂଲ୍ୟଠାରୁ କିଛି ଅଧିକ ହାତ ଗୁଞ୍ଜାୟ ପାଇଗଲେ ଆନନ୍ଦ ର ସହ ସେହି ସ୍ଥାନ ଛାଡି ଚାଲି ଯାଉଛନ୍ତି । ଏହି ନକଲି ଟି ଟି ଆଇ ଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣ ରେ ଆଲୋଚନା ହେଉଛି ୟ ରେଲୱେ ବିଭାଗ ଉଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୨୮ ତମ ବାର୍ଷିକ କ୍ରୀଡ଼ା ଉଦଯାପିତ

ପାଟଣା,୨୯।୧୧:ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୈତରଣୀ ବିହାର ର ୨୮ ତମ ବାର୍ଷିକ କ୍ରୀଡ଼ା ଆଜି ଉଦଯାପିତ ହୋଇଯାଇଛି ।ଦୁଇଦିନ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉଦଜାପନୀ ଉତ୍ସ ରେ ମୁଖ୍ୟ ଅତିଥି ଭାବେ ବଡ଼ପାଟଣା ପଞ୍ଚାୟତ ସରପଞ୍ଚ ବିନତି ବାନରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଯୁବ ସମାଜସେବି ତଥା ପାଟଣା ପ୍ରେସ କ୍ଲବ ସମ୍ପାଦକ ବିଜୟ ରତ୍ନ ପତି, ପରିଚାଳନା ସମିତି ଉପସଭାପତି ମଦନମୋହନ ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ । ଏହି ବାର୍ଷିକ କ୍ରୀଡ଼ାକୁ ଶିଶୁମନ୍ଦିର ର ଶାରୀରିକ କ୍ରୀଡ଼ା ପ୍ରମୁଖ ଗଜେନ୍ଦ୍ର କୁମାର ମହାନ୍ତ ପରିଚାଳନା କରିବା ସହିତ ବାର୍ଷିକ କ୍ରୀଡ଼ା ର ବିବରଣୀ ପାଠ କରିଥିଲେ । ବିଭିନ୍ନ ଖେଳକୁଦ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବୀକା ମାନେ ସହଯୋଗ କରିଥିଲେ । ଶିଶୁ ମନ୍ଦିର ର ଗୁରୁଜୀ ପ୍ରମୋଦ କୁମାର ମହାନ୍ତ, ବେଣୁଧର ମହାନ୍ତ, ଶମ୍ଭୁନାଥ ସେଠୀ, ହୀରାଲାଲ ମହାନ୍ତ, ରବୀନ୍ଦ୍ର କୁମାର ନାଏକ,ଶୋଭାଶ୍ରୀ ଷଡଙ୍ଗୀ,ରେବତୀ ତ୍ରିପାଠୀ, ସବିତା ମହାନ୍ତ ଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମା ମନେ ଉପସ୍ଥିତ ଥିଲେ ।

## କୁଆଁରିଆ ନଦୀରେ ୪୦ କେଜିର କଇଁଛ

ଦଶପଲ୍ଲା,୨୯।୧୧: ଦଶପଲ୍ଲା କୁଆଁରିଆ ନଦୀରୁ ଉଧାର କରାଯାଇଛି ୪୦ କେଜି ଓଜନର ଏକ ବଡ କଇଁଛ । ପ୍ରଥମ ଥର ପାଇଁ କୁଆଁରିଆ ନଦୀରେ ଦେଖା ଦେଇଛି ଏଦେବଡ଼ କଇଁଛ । ଦଶପଲ୍ଲା ଦୁର୍ଗା ବଜ଼ାର କୁଆଁରିଆ ପୋଲ ତଳେ ବହି ଯାଇଥିବା ନଦୀ ରୁ ଏହି କଇଁଛ ଜବତ ହୋଇଛି । ସ୍ଥାନୀୟ ମୋଚି ସାହିର କିଛି ଲୋକ ନଦୀ କୁ ଶୌଚ ହେବାକୁ ଯାଇଥିବା ବେଳେ ଏହାକୁ ଦେଖିବାକୁ ପାଇଥିଲେ । ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିବା ବେଳେ ଖବର ପାଇ ବନ ବିଭାଗ ପକ୍ଷରୁ ଏହାକୁ ଉଧାର କରାଯାଇ ସ୍ଥାନୀୟ କୁଆଁରିଆ ଜଳ ଭଣ୍ଡାର ରେ ଛଡା ଯାଇଛି । ମାତ୍ର ପ୍ରଥମଥର ଏଭଳି ଏକ ବଡ଼ କଇଁଛ ଦେଖି ଲୋକ ମାନଙ୍କ ମଧରେ ଆଶ୍ଚର୍ଯ୍ୟ ପ୍ରକଟ ହୋଇଥିବା ବେଳେ ଏହି କଇଁଛଟି କେଉଁଠାରୁ ଆସିଛି ଜଣାପଡିନଥିବା ବେଳେ ମହାନଦୀ ରୁ ଏହି କଇଁଛ ଆସିଥିବା ଆଲୋଚନା ହେଉଛି ।

## ଗାନ୍ଧୀ ପବ୍ଲିକ ସ୍କୁଲରେ ୨୧ତମ ବାର୍ଷିକ କ୍ରୀଡା ସମାରୋହ ଉଦ୍‌ଘାଟିତ

ରାୟଗଡା,୨୯।୧୧: ରାୟଗଡା ଜିଲ୍ଲା ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ୨୧ତମ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କ୍ରୀଡା ଜ୍ୟୋତିକୁ ଖେଳ ପଡ଼ିଆରେ ସ୍ଥାପନ କରି ଉତ୍ସବର ଉଦ୍ଘାଟନ ଓ ଶୁଭାରମ୍ଭ କରିଥିଲେୟ ଛାତ୍ରଛାତ୍ରୀମାନେ ଏହି କ୍ରୀଡା ଜ୍ୟୋତିକୁ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରରୁ ଆଣି ଏକ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟ ପଡିଆ ପର୍ଯ୍ୟନ୍ତ ଆସିଥିଲେ । ନଭେମ୍ବର ତା୨୮ରୁ ୩୦ ତିନି ଦିନ ଧରି ସିଟି କ୍ୟାମ୍ପସ ଏବଂ ବିଦ୍ୟାଳୟ ଖେଳ ପଡ଼ିଆରେ ଉକ୍ତ କ୍ରୀଡା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ । ନର୍ସରୀ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଉତ୍ସାହର ସହିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ୟ ବିଭିନ୍ନ ବର୍ଗରେ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚାଡିଆଁ, ସନ୍ତୁଳନ ଦୌଡ଼, ବାସ୍କେଟ ବଲ, ଅବଷ୍ଟାକ୍ଲ ରେସ୍, ଅଖାଡିଆଁ, ପେଣ୍ଡୁ ନିକ୍ଷେପ, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ପରି ଅନେକ ଖେଳରେ ଅଂଶଗ୍ରହଣ କରିବେ



। ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ , ପାଠ ପଢା ଭଳି ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡା ମଧ ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଯାହାକି ସେମାନଙ୍କୁ ମାନସିକ ତଥା ଶାରୀରିକ ସ୍ତରରେ ସୁଦୃଢ଼ କରିବ ୟ ଏହି ଅବସରରେ ଜିଆଇଇଟି ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ, କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭିତରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ଓ ବିଦ୍ୟାଳୟହିଁ ଏହାର ପ୍ରମୁଖ ସ୍ଥାନ ଅଟେ । କ୍ରୀଡା ଶିକ୍ଷକ ଦିଲ୍ଲୀପ ବେହେରା, ଦେବେନ୍ଦ୍ର ନାୟକ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କ୍ରୀଡା ଉତ୍ସବ ପରିଚାଳନା କରୁଛନ୍ତି । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ସାମ୍ବାଦିକଙ୍କ ଘର ସମ୍ମୁଖରୁ ବାଇକ ଚୋରି

ବାଲିଚନ୍ଦ୍ରପୁର,୨୯।୧୧:ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ସାମ୍ବାଦିକ ସେକ ଇକବାଲ ହୋସେନ ଗତ କାଲି ୨୮ ତାରିଖ ରାତିରେ ଚାରିନଙ୍ଗଳ ଗ୍ରାମ(ବାଦାମ ମହଲା)ସ୍ଥିତ ତାଙ୍କ ଘର ସମ୍ମୁଖରେ ନିଜ ବଜାଜ ପଲସର ୧୫୦ ବାଇକ(ଓଡି ୦୪କେ ୦୧୫୯)କୁ ରଖି ଘରେ ଶୋଇଥିଲେ । ହେଲେ ସେ ଆଜି ସକାଳେ ଆସି ଦେଖନ୍ତିତ ତାଙ୍କ ବାଇକଟି ଚୋରି ହୋଇଯାଇଛି । ଏନେଇ ଶ୍ରୀ ଇକବାଲ ଆଜି ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ସୂତ୍ରରୁ ଜଣାଯାଇଛି ।

# ପଲାଇରେ ୯୯ତମ ଶ୍ରୀ ସତ୍ୟସାଇ ଜୟନ୍ତୀ

ବାଲିଚନ୍ଦ୍ରପୁର,୨୯।୧୧:ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ୯୯ତମ ପବିତ୍ର ଜନ୍ମ ମହୋତ୍ସବ ଆଧାତ୍ମିକ ପରିବେଶ ଭିତରେ ପଲାଇ ସାଇମନ୍ଦିର ପ୍ରାଙ୍ଗଣରେ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସତ୍ୟସାଇ ସେବାସମିତି, ପଲାଇ ଆନୁକୂଲ୍ୟରେ ଆୟୋଜିତ ଦିବସବ୍ୟାପୀ କର୍ଯ୍ୟକ୍ରମ ଭିତରେ ପ୍ରାତଃ ଓଁକାରମ୍, ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡ଼ଶୋପଚାର ପୂଜା, ଲକ୍ଷାର୍ଚ୍ଚନ ସହିତ ସାଇ ଆଶ୍ରିତମାନଙ୍କ ଦ୍ୱାରା ଲିଖିତ ଜପ ପୁସ୍ତିକା ଭଗବାନଙ୍କ ଦିବ୍ୟ ପାଦପଦ୍ମରେ ଅର୍ପଣ କରାଯାଇଥିଲା । ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ କଟକ ସେବା ସମିତିର ପ୍ରାକ୍ତନ ଆବାହକ ତଥା ବରିଷ୍ଠ ସାଇଆଶ୍ରିତ ଆଡ଼ଭୋକେଟ ପ୍ରକାଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଇଦେଇ ଭଗବାନ ବାବାଙ୍କ ଜୀବନୀ ଓ ଆଦର୍ଶ ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କହିଥିଲେ । ନାରାୟଣ ସେବା, ୯୯ତମ ଜନ୍ମତିଥିରେ ୯୯ଟି ପ୍ରଦୀପ ପ୍ରଜ୍ୱଳନ, ସାଇଭଜନ, ଜନ୍ମଦିନର କେକ୍ ସମର୍ପଣ ଓ ମଙ୍ଗଳ ଆରତୀ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବର୍ଷୀୟାନ ସାଇଆଶ୍ରିତ ସୁରେନ୍ଦ୍ର ନାଥ ଭୂୟାଁ, ପଲାଇ ସମିତିର ପୂର୍ବତନ ଆବାହକ ସତ୍ୟାନନ୍ଦ ଜେନା, ପ୍ରଶାନ୍ତ କୁମାର ସାମଲ, ସୁମନ୍ତ କୁମାର ଭୂୟାଁ, ଆବାହକ ଦାମୋଦର ବାସୁଲାଇ, ବିଜୟିନୀ ଭୂୟାଁ, ସ୍ମୃତିରଂଜନ ନାୟକ, ପ୍ରମୋଦ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡାକ୍ତର ଜିତେନ୍ଦ୍ର କୁମାର ଭଂଜ ସତ୍‌ସଙ୍ଗ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ସାଇଆଶ୍ରିତ, ବାଳବିକାଶ ଛାତ୍ରଛାତ୍ରୀ, ମହିଳା ଭକ୍ତଗୋଷ୍ଠୀ ଯୋଗଦେଇଥିଲେ ।

## ୟୁଏଆଇଏଲ୍ ସିଏସଆର୍ ଟିମ୍ ଦ୍ୱାରା ନୂଆଗାଁ ଗ୍ରାମରେ ମଲ୍‌ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ରାୟଗଡା,୨୯।୧୧: ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍)ର ସିଏସ୍ଆର ପ୍ରୟାସ ଅଧୀନରେ ନୂଆଗାଁ ଗ୍ରାମରେ ୨୦୨୪ ନଭେମ୍ବର ୨୮ରେ ଏକ ମଲ୍‌ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଶ୍ରୀ ବିଜୟ ଚୌହାନ, ମାଇନ୍ସ ହେଡ୍, ଡ.ନେତ୍ରାନନ୍ଦ ନାୟକ, ମେଡିକାଲ ଅଫିସର-ଇନ୍-ଚାର୍ଜ, ବିପିଏମ୍ , ଏନଏଚ୍ଏମ କାଶୀପୁର, ଆଇଆଇସି ଅଣ୍ଡିରାକଞ୍ଚ, ଡ. ଦେବୀ ମିଶ୍ର, ମେଡିକାଲ ଅଫିସର ୟୁଏଆଇଏଲ୍ ଏବଂ ନୂଆଗାଁର ସମ୍ମାନନୀୟ ଗ୍ରାମ ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଶ୍ରୀ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ୍ ଉଦ୍‌ଘାଟନ



କରିଥିଲେ ।ସ୍ଥାନୀୟ ଜନସମୁଦାୟଙ୍କୁ ସୁଲଭ୍ୟ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇବା ଏହି ସ୍ୱାସ୍ଥ୍ୟ ଶିବିରର ଲକ୍ଷ୍ୟ ଥିଲା । ନିକଟବର୍ତ୍ତୀ ୮ଟି ଗ୍ରାମର ମୋଟ ୫୧୨ ଜଣ ରୋଗୀ ଏହି ଶିବିରରୁ ଉପକୃତ ହୋଇଥିଲେ, ଏବଂ ସେମାନଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ଦିଆଯାଇଥିଲା । ଏହି ପ୍ରୟାସ ସିଏସଆର ମୁଖ୍ୟ ନିହାରିକା ସାହୁଙ୍କ ନେତୃତ୍ୱରେ ବାଫିଲମାଳି ଖଣିର ସିଏସଆର୍ ଟିମ୍ ଦ୍ୱାରା ଅତି ସୁନ୍ଦର ଭାବରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ୟୁଏଆଇଏଲ୍ ପକ୍ଷରୁ ଏହାର କାର୍ଯ୍ୟ ପରିଚାଳନା ଅଞ୍ଚଳରେ ଜନସାଧାରଣଙ୍କ କଲ୍ୟାଣ ତଥା ସେମାନଙ୍କ ସ୍ୱାସ୍ଥ୍ୟସେବାକୁ ପରିବର୍ଦ୍ଧିତ କରିବା ନିମନ୍ତେ ଅକୁଣ୍ଠ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି । ଏଭଳି ପ୍ରୟାସଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନର ମାନରେ ଉନ୍ନତି ଆଣିବା ଏବଂ ଉକ୍ତ ଅଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ୟୁଏଆଇଏଲ୍‌ର ଉତ୍ସର୍ଗୀକୃତ ଭାବକୁ ପ୍ରତିଫଳିତ କରୁଛି ।

## ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ପାଇବେ ସୁହାଶିନୀ ଦଳ ବେହେରା

କବିସୂର୍ଯ୍ୟନଗର,୨୯।୧୧:ନାଗବାଲି ଗ୍ରାମ ର ସୁଦୀପ୍ତ କୁମାର ଏବଂ ବିଷ୍ଣୁ ପ୍ରିୟା ଦଳବେହେରା ଙ୍କ କନିଷ୍ଠ କନ୍ୟା ସୁହାଶିନୀ ଦଳବେହେରା ଓଡିଶା କୃଷି ଓ ବୈଷୟକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ସ୍ନାତକୋତର ଉଦ୍ଭିଦ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ଆସନ୍ତା ଡିସେମ୍ବର ୫ ତାରିଖରେ ହେବାକୁ ଯାଉଥିବା ସମାବର୍ତ୍ତନ ଉତ୍ସବରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିବେ । ଏହି ଖବର ଜାଣିବା ପରେ ନିଜଗ୍ରାମ ନାଗବାଲି ରେ ଖୁସିର ଲହରୀ ଖେଳି ଯାଇଛି ।

## ପରିବେଷ ସୁରକ୍ଷା ବାର୍ତ୍ତା ନେଇ କୋଣାର୍କ ଅଭିମୁଖେ ସାଇକେଲ ଯାତ୍ରା




ଡେଲାଙ୍ଗ,୨୯।୧୧: ଡେଲାଙ୍ଗ ବ୍ଲକ ଗୁଆଳିପଡା ପଂଚାୟତର ପ୍ରକୃତିବନ୍ଧୁ ବିଶ୍ୱଜିତ୍ ପରିଡା କୋଣାର୍କ ଅଭିମୁଖେ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି । ଏହି ସାଇକେଲ ଯାତ୍ରା ସେ ଡେଲାଙ୍ଗ ବ୍ଲକ ବେରବୋଇସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରୁ ଆରମ୍ଭ କରି କୋଣାର୍କରେ ପହଂଚିବା ସହିତ କୋଣାର୍କ ମହୋତ୍ସବରେ ଆୟୋଜିତ ହେବାକୁଥିବା ସାଇକ୍ଲୋଥନ୍‌ରେ ଭାଗ ନେବେ ବୋଲି ସୂଚନା ଦେଇଛନ୍ତି । ପ୍ରକୃତି ବନ୍ଧୁ ଶ୍ରୀ ପରିଡା ଦୀର୍ଘ ୮ବର୍ଷ ଧରି ସାଇକେଲରେ କୋଣାର୍କ ସହିତ ପୁରୀ, ବ୍ରହ୍ମଗିରୀ, ଭୁବନେଶ୍ୱର ଓ ଚିଲିକା ପ୍ରମୁଖ ସ୍ଥାନ ଗୁଡିକୁ ଯାତ୍ରା କରିବା ସହିତ ପରିବେଶ ରକ୍ଷାର ବାର୍ତ୍ତା ବାଂଟି ଆସୁଛନ୍ତି । ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ସସ୍ମିତା ସାହୁ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ଅମ୍ରିତା ରାଓ, ଇତିପ୍ରଭା ପାଇକରାୟ, ହେମାଗିନି ନାୟକ, ପ୍ରକକ୍ଷିନି ପଟ୍ଟନାୟକ, ମନସ୍ୱିନୀ ଜେନା, ଦ୍ୱିପ୍ତିମୟୀ ଛାଟୋଇ, ଶିକ୍ଷକ ବିଶ୍ୱଜିତ୍ ଜେନା, ବିନାୟକ ମହାପାତ୍ର ପ୍ରମୁଖ ବିଶ୍ୱଜିତଙ୍କୁ ସ୍ୱାଗତ ଜଣାଇଥିଲେ । ସେ ଡେଲାଙ୍ଗରୁ ବାହାରି ପିପିଲି, ହରିପୁର, ନିମାପଡା, ଗୋପ ଦେଇ କୋଣାର୍କରେ ପହଂଚିବେ ।

## ନବରଙ୍ଗପୁରରେ ଧରାପଡ଼ିଲା ଗଂଜେଇ ଭର୍ତ୍ତି କାର

ନବରଙ୍ଗପୁର,୨୯।୧୧:ଏହି କାରବାର ରେ ଲିପ୍ତ ଦୁଇ ବିହାରୀ ଯୁବକ ଙ୍କୁ ଗିରଫ କରିଛି ନବରଙ୍ଗପୁର ଅବକାରୀ ବିଭାଗ । ଗିରଫ ହୋଇଥିବା ଦୁଇ ଯୁବକ ବିହାର ରାଜ୍ୟ ର କୈଳାଶ କୁମାର ଓ ପ୍ରଶାନ୍ତ କୁମାର ସିଂ । B.R -01 - D2-2011 ନମ୍ବର ଯୁକ୍ତ କାର ଟି କୋରାପୁଟ ରୁ ନବରଙ୍ଗପୁର ଆସୁଥିବା ବେଳେ ତାକୁ ଜଗଉ ଚେକ ଗେଟ ପାଖରେ ଅଟକେଇବା ପରେ ସେଥିରେ ଗଂଜେଇ ଥିବା ଜଣା ପଡିଥିଲା । ଅବକାରୀ କମିଶନର ନରସିଂହ ଭୋଳ ତଥା ଦକ୍ଷିଣାଞ୍ଚଳ ଅବକାରୀ ଡେପୁଟି କମିଶନର ଡମ୍ବରୁଧର ଖଣ୍ଡା ଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ଦାଶ ଙ୍କ ନେତୃତ୍ୱ ରେ ଏକ ଟିମ ଜଗଉ ଚେକ ଗେଟ ପାଖରେ କାର ଟିକୁ ଅଟକେଇ ଯାଞ୍ଚ କରିଥିଲେ । ପୂର୍ବ ସୂଚନା ଅନୁଯାୟୀ ସେଥିରେ ଗଂଜେଇ ଥିବା ଜାଣିବାକୁ ପାଇ ଗାଡି ସହ ଦୁଇ ବିହାରୀ ଯୁବକ ଙ୍କୁ ଅଟକ ରଖି ପଚରା ଉଚୁରା କରିବା ପରେ କୋର୍ଟ ଚାଲାଣ କରାଯାଇଛି ।

# ଲଘୁ ଖଣିଜକୁ ନେଇ ଗୋପାଳପୁରରେ ଅଶାନ୍ତ କରାଉଛନ୍ତି ଖଣିମନ୍ତ୍ରୀ

ଗୋପାଳପୁର,୨୯।୧୧:ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ଯେଉଁ ପରିମାଣର ଲଘୁ ଖଣିଜ ସମ୍ପଦର ଅବାଧ ଚୋରା ଚାଲଣ ଓ ଅବୈଧ ଖନନ ଚାଲିଛି ବିଗତ ୨ଦଶନ୍ଧିର ଏପରି କେବେ ଦେଖିବାକୁ ମିଳିନଥିଲା । ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଶେଷ ତଥା ପ୍ରଧାନ ଲଘୁ ଖଣିଜ ସମ୍ପଦ ଭାବରେ ପ୍ରଚୁର ପରିମାଣରେ ମୋରମ ରହିଛି । ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଗଚ୍ଛିତ ମୋରମ ଖାଦାନରୁ ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ବେଧଡକ ଭାବରେ ସ୍ୱଷ୍ଟ ଦିବାଲୋକରେ ଦୈନିକ ହଜାରହଜାର ମୋରମ ଚୋରାଚାଲଣ ହେବା ସହ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ରାଜ୍ୟ ସରକାର ହରାଉଛନ୍ତି । ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହି ରାଜସ୍ୱ କ୍ଷତିର ନେତୃତ୍ୱ ଖୋଦ୍ ଖଣି ମନ୍ତ୍ରୀ ନେଉଥିବା ସ୍ୱଷ୍ଟ ଅନୁଭବ ହେଉଛି । ସାଧାରଣ ଜନତା ବୁଦ୍ଧିଜୀବୀ ନିଜ ଅଞ୍ଚଳର ପରିବେଶ ପାଇଁ ସଚେତନ ନାଗରିକ ମାନେ ଏହି ଅବୈଧ ଚାଲଣକୁ ବନ୍ଦ ପାଇଁ ଅଣ୍ଟା ଭିଡୁଥିଲେ ମଧ୍ୟ ବିଗତ ୨-୩ ଦିନର ବିଭିନ୍ନ ଭିଡିଓର ସ୍ୱଷ୍ଟ ଜଣାପଡୁଛି ମନ୍ତ୍ରୀଙ୍କ ଅତି ନିକଟ ଲୋକ ମାନେ ମନ୍ତ୍ରୀଙ୍କ ନାଁ ନେଇ ଚୋରାଚାଲାଣ ବିରୁଦ୍ଧରେ ଲଢୁଥିବା ଲୋକଙ୍କୁ ଧମକାଉଛନ୍ତି । ସାଧାରଣ ଜନତା ଫୋନ କରି ଖଣି ବିଭାଗର ଅଧିକାରୀ ମାନେ ଫୋନ ମାଧ୍ୟମରେ ଅଭିଯୋଗ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ମନ୍ତ୍ରୀଙ୍କ ଘର ନିକଟର ଆଖପାଖରୁ ଏପରି ଅବୈଧ ଚୋରାଚାଲଣ ହେବା ସହ ମନ୍ତ୍ରୀଙ୍କ ଦୃଢ ସମର୍ଥକ ମାନଙ୍କ ଧମକର ଭିଡିଓ ଗୁଡିକ ମନ୍ତ୍ରୀଙ୍କ ନଜରକୁ ନିଶ୍ଚୟ ଯାଉଥିବ, ହେଲେ ବିଭାଗୀୟ ମନ୍ତ୍ରୀ ନୀରବ ରହିବା ଏବଂ ତାଙ୍କରି ବିଭାଗୀୟ ଅଧିକାରୀ ମାନେ ଚୁପ୍ ରହିବା ସ୍ୱଷ୍ଟ ଇଂଗିତ କରୁଛି ଯେ ଏହି ଅବୈଧ ଅବାଧ ଖନନ ଓ ଚୋରା ଚାଲଣ ପଛରେ ଖଣିମନ୍ତ୍ରୀଙ୍କ ହାତ ରହିଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଚାଷୀଙ୍କ ଆୟ

ଚାଷୀଙ୍କର ଆୟ ଦୁଇ ଗୁଣା ବଢ଼ାଇଦେବେ କେନ୍ଦ୍ର ସରକାର। ଏଭଳି ପ୍ରତିଶ୍ରୁତି ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ସମ୍ମାନ ନିଧି ଯୋଜନା ପ୍ରଣୟନ କଲେ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେଲା। ପୂର୍ବତନ ମୁଖ୍ୟମନ୍ତ୍ରୀ, ନବୀନ ପଟ୍ଟନାୟକ 'କାଳିଆ।' ଯୋଜନା ମାଧ୍ୟମରେ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ପୁଞ୍ଜି ହସ୍ତାନ୍ତର ( ଡିବିଟି ) ମାଧ୍ୟମରେ ଟଙ୍କା ପଠାଇଲେ ଚାଷୀଙ୍କ ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଗଲା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ବୃଦ୍ଧି ପାଇଁ ଦେଢ଼ ବର୍ଷ ଦେଶବ୍ୟାପି କୃଷକ ଆନ୍ଦୋଳନ ଚାଲିଲା ୭୦୦ କୃଷକ ଜୀବନ ହାରିଲେ କେବଳ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଥିବା ସମୟରେ ଚାଷୀଙ୍କ ଋଣଛାଡ଼ ହୋଇଥିଲା । ଏବେ ମଧ ତେଲେଙ୍ଗାନାରେ କଂଗ୍ରେସ ସରକାର ଚାଷୀଙ୍କ ଋଣ ଛାଡ଼ କରିଛନ୍ତି ଋଣ ଭାର ବଢିଗଲେ ପରିଶୋଧ ଚିନ୍ତାରେ ମର୍ମାହତ ଚାଷୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାନ୍ତି । କିନ୍ତୁ ଉଭୟ କେନ୍ଦ୍ର ଓ ଓଡିଶା ସରକାର ଚାଷୀଙ୍କ ଋଣଛାଡ଼ ନୀତିକୁ ଗ୍ରହଣ କରନ୍ତି ନାହିଁ । ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)ପ୍ରକାଶ ପାଇଥିବା ଗ୍ରାମୀଣ ଆର୍ଥିକ ଆନ୍ତର୍ଭୁକ୍ତିକରଣ ରିପୋର୍ଟରେ ଓଡିଶା ଚାଷୀଙ୍କ ଆୟ ନେଇ ଅତ୍ୟନ୍ତ ନୈରାଶ୍ୟଜନକ ବିବରଣୀ ପ୍ରଦାନ କରିଛନ୍ତି । ଆମ ରାଜ୍ୟର ଚାଷୀଙ୍କ ଆୟ ଦେଶରେ ଦ୍ୱିତୀୟ ସର୍ବନିମ୍ନ ଅର୍ଥାତ ଓଡିଶା ତଳପଟୁ ଦ୍ୱିତୀୟ ପରିବାରର ମାସିକ ଆୟ ହାରାହାରି ୯,୨୯୦ ଟଙ୍କା ସବୁଠୁ ତଳେ ପଡ଼ିଥିବା ବିହାର ଠାରୁ ଓଡିଶା ଚାଷୀଙ୍କ ଆୟ ମାତ୍ର ୩୮ ଟଙ୍କା ଅଧିକ । ବିକାଶର ପରିମାପକ କେବଳ ଏକ୍ସପ୍ରେସୱେ, ଚାରି, ଛ ଲେନ ହାଇୱେ, ମନ୍ଦିର କିମ୍ବା ସହର ସୌନ୍ଦର୍ଯ୍ୟକରଣ ନୁହେଁ, ଦେଶର ଅନ୍ନଦାତାଙ୍କ ଆର୍ଥିକ ପ୍ରଗତି ଏବଂ ଦେଶର ସୁରକ୍ଷାରେ ଥିବା ଯବାନମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ସେଥିନିମନ୍ତେ ପୂର୍ବତନ ପ୍ରଧାନମନ୍ତ୍ରୀ, ଲାଲ ବହାଦୁର ଶାସ୍ତ୍ରୀ ଜୟ ଯବାନ, ଜୟ କିଷାନ ନାରା ଦେଇଥିଲେ ଏବଂ ସେ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ । ସେ ସମୟରେ ବଳଦ ଟଣା ଶଗଡ଼ ଗାଡି ପରିବହନର ଶ୍ରେଷ୍ଠ ମାଧ୍ୟମ ଥିଲା । ପରିବହନ ଖର୍ଚ୍ଚ ଖୁବ କମ ଥିଲା । ପ୍ରଦୂଷଣର ସମସ୍ୟା ମଧ ନଥିଲା ପରିବର୍ତ୍ତିତ ସମୟରେ ପରିବହନରେ ପେଟ୍ରୋଲ, ଡିଜେଲ ଯାନବାହାନ ବ୍ୟବହୃତ ହେଲା ଏବଂ ବାୟୁ ପ୍ରଦୂଷଣ ବଢିଲା ଚାଷୀମାନଙ୍କ କ୍ଷେତ୍ରରେ ମଧ ଏହାର ପ୍ରଭାବ ପରିଲକ୍ଷିତ ହେଲା ମହାରାଷ୍ଟ୍ର ସମେତ ଅନ୍ୟାନ୍ୟ ରାଜ୍ୟରେ ହଜାର ହଜାର ଚାଷୀ ଆତ୍ମହତ୍ୟା କରିଛନ୍ତି କେବଳ ଋଣ ଭାରକୁ ବରଦାସ୍ତ କରିନପାରି ଚାଷୀ ଆତ୍ମହତ୍ୟା କରିଛନ୍ତି ।ଏକଥାକୁ ଅସ୍ୱୀକାର କରାଯାଇନପାରେ । ଗ୍ରାମୀଣ ଓଡ଼ିଶାରେ ମାସିକ ପାରିବାରିକ ଆୟରେ ମଧ ଓଡ଼ିଶାର ସ୍ଥିତି ଦୟନୀୟ। ଗାଁରେ ପରିବାର ପିଛା ଆୟ ମାତ୍ର ୮,୯୨୪ ଟଙ୍କା ଯାହା ଜାତୀୟ ସ୍ତରରେ ୧୨, ୬୯୮ ଟଙ୍କା ଉପଭୋକ୍ତା ବ୍ୟୟ (କଂଜମ୍ପସନ ଏକ୍ସପେନଡିଚର)ରେ ଗ୍ରାମୀଣ ଓଡିଶା ସବୁଠୁ ପଛରେ ରହିଛି ସର୍ବଭାରତୀୟ ସ୍ତରରେ ଗ୍ରାମୀଣ ଅଞ୍ଚଳରେ ପରିବାର ମାସକୁ ୧୧,୨୬୨ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଓଡ଼ିଶାରେ ଏହା ୭,୯୪୫ ଟଙ୍କା ବୋଲି ନାବାର୍ଡ ରିପୋର୍ଟରେ ଦର୍ଶାଯାଇଛି ଗୋଆ ଓ ଜାମ୍ମୁ - କାଶ୍ମୀର ଭଳି ରାଜ୍ୟରେ ଏହା ୧୭, ଟଙ୍କାରୁ ଅଧିକ ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।ପଞ୍ଜାବ ଓ ହରିଆଣାରେ ଚାଷୀମାନଙ୍କ ଆୟ ଯଥେଷ୍ଟ ଅଧିକ ରହିଛି ।ଏହି ରାଜ୍ୟଗୁଡିକରେ ଫଳ ଓ ପନିପରିବା ଉତ୍ପାଦନ ବେଶ ଉତ୍ସାହଜନକ ରହିଥିବା ବେଳେ ଓଡ଼ିଶାରେ ଉତ୍ପାଦନ ଆବଶ୍ୟକତା ଅନୁପାତରେ ବଢୁନାହିଁ । ଆଳୁ ମିଶନ ଫେଲ ମାରିଲା ଆଳୁ, ପିଆଜ ଓ ଅନ୍ୟାନ ପନିପରିବା ସହିତ ମାଛ, ଅଣ୍ଡା ଆଦି ପାଇଁ ଆମେ ସର୍ବଦା ବାହାର ରାଜ୍ୟ ଉପରେ ନିର୍ଭରଶୀଳ ହୋଇ ହନ୍ତସନ୍ତ ହେଲୁ ହେଲେ ପରିସ୍ଥିତି କେମିତି ସୁଧୁରିବ, ସେଥିପ୍ରତି ଯେତିକି ଧ୍ୟାନ ଦେବା କଥା, ସେଥିରେ ଅବହେଳା ପ୍ରଦର୍ଶନ କଲୁ। ଚାଷୀକୁ କିଛି ଟଙ୍କା ଦେଇ ଆମେ ସନ୍ତୁଷ୍ଟ କରିବାକୁ ଯୋଜନା କରି ବାହାବା ନେଲୁ । ଶୀତଳଭଣ୍ଡାର ଖୋଲିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାରେ ଅସମର୍ଥ ହେଲୁ ଚାହିଦା ମୁତାବକ ଆମଦାନୀ କମାଇ ରପ୍ତାନି ବଢାଇବା ନିମନ୍ତେ ଆମ ପାଖରେ କୌଣସି ଦୁରଦୃଷ୍ଟିସମ୍ପର୍ଣ୍ଣ ବ୍ଲୁ ପ୍ରିଣ୍ଟ ନାହିଁ ଇତିମଧରେ ଏକ ଆଞ୍ଚଳିକ ଦଳର ୨୪ ବର୍ଷର ଶାସନକାଳର ଅବସାନ ଘଟିଛି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠିତ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଗକୁ ଉତ୍ପାଦନ ବୃଦ୍ଧି ଉପରେ ଗୁରୁ ଦିଆଯିବ, ଅଧିକ ଶୀତଳଭଣ୍ଡାର ଖୋଲିବ ବୋଲି ଆଶା କରାଯାଉଛି । ସେଥିପାଇଁ ଚାଷୀମାନଙ୍କୁ ଅଧିକ ସମୃଦ୍ଧ ଏବଂ ସଶକ୍ତ କରିବାର ଆବଶ୍ୟକତା ରହିଛି।

# ଡିଜିଟାଲ ଆରେଷ୍ଟ

**ଯୁଧିଷ୍ଠିର ମହାରଣା ■**

ସଂପ୍ରତି ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତିର ମୋବାଇଲ, ଇଣ୍ଟରନେଟ ଆଉ ସୋସିଆଲ ମିଡ଼ିଆ ଯୁଗ ତେବେ ଏପରି ସମୟରେ ଅପରାଧୀମାନେ ଦିନକୁ ଦିନ ହାଇଟେକ୍ କାଣ୍ଡ ଘଟାଇବା ପାଇଁ ପଛାଉନାହାଁନ୍ତି। ଏହି ସାଇବର ଠକମାନେ ଇଣ୍ଟରନେଟ ଦ୍ୱାରା ଅଜଣା ଲୋକ ଠାରୁ ଅର୍ଥ ଲୁଟିବା ପାଇଁ ଅନେକ ନୂଆ ନୂଆ ପନ୍ଥା ଆପଣାଉଛନ୍ତି। ଏକ ନୂଆ ପନ୍ଥା ଭାବେ ଡିଜିଟାଲ ଆରେଷ୍ଟ ମାଧ୍ୟମରେ ସାଇବର ଠକମାନେ ୟୁଜର୍ସକୁ ଏପରି ଠକୁଛନ୍ତି ଯେ ସାଧାରଣରେ ୟୁଜରଙ୍କର ଏ ନେଇ କୌଣସି ଧାରଣା ହିଁ ନଥାଏ। ଯାହାଦ୍ୱାରା ସେମାନେ ଏହି ଅଦୃଶ୍ୟ ଠକମାନଙ୍କ ସହଜ ଶିକାର ହୋଇ ନିଜ ସଞ୍ଚିତ ଅର୍ଥ ହରାଇବାକୁ ବାଧ୍ୟ ହୋଇଥାନ୍ତି।

ଆସନ୍ତୁ ପ୍ରଥମେ ଜାଣିବା ବାସ୍ତବରେ ଡିଜିଟାଲ ଆରେଷ୍ଟ କ'ଣ ? ଏଥିରେ ସାଇବର ଠକ ଅନଲାଇନ ମାଧ୍ୟମରେ ପୀଡ଼ିତଙ୍କୁ ତାଙ୍କ ନାମ ବିରୋଧରେ ଥାନାରେ ଅଭିଯୋଗ ପଞ୍ଜୀକୃତ ହୋଇଥିବା ସୂଚନା ଦେଇଥାନ୍ତି। ଏଥିସହ ନାନା କଥା କହି ମନରେ ଭୟ ସୃଷ୍ଟି କରାନ୍ତି। ମିଥ୍ୟା ମାମଲାରେ ପୀଡ଼ିତ ପ୍ରଥମେ ଭୟଭୀତ ହୋଇଥାନ୍ତି। ଯେଉଁ କାରଣରୁ ସେମାନେ ଏପରି ମାମଲା ଠାରୁ ବର୍ତ୍ତିବାକୁ ଚେଷ୍ଟା କରିଥାନ୍ତି। ଏହାପରେ ପୀଡ଼ିତଙ୍କୁ ଘରୁ ବାହାରକୁ ନ ଯିବା ଓ ପରିବାର, ବନ୍ଧୁଙ୍କ ସହ ଯୋଗାଯୋଗ ନକରିବାକୁ ଠକ ବାରଣ କରିଥାଏ। ପୀଡ଼ିତ ଅତ୍ୟଧିକ ଭୟ ପାଇଗଲା ପରେ ଠକ ସେମାନଙ୍କୁ ସାହାଯ୍ୟ କରିବା ଲାଗି ନିଶ୍ଚିନ୍ତ କରିଥାଏ। ପୀଡ଼ିତ ମଧ୍ୟ ଠକ କଥାକୁ ଅନୁସରଣ କରିଥାଏ ଏବଂ ଠକର ଡିମାଣ୍ଡ କ୍ରମେ ତାହାକୁ ଟଙ୍କା ଦେଇଥାଏ। ଡିଜିଟାଲ ଉସ୍ର ମାଧ୍ୟମରେ ନକଲି ଗିରଫ କରିବାର ଭୟ ଦେଖାଇ ଅର୍ଥ ହଡ଼ପ କରିବା ପ୍ରକ୍ରିୟାକୁ ଡିଜିଟାଲ ଆରେଷ୍ଟ କୁହାଯାଏ। ଏଥିସହ ଠକ ପୀଡ଼ିତଙ୍କ ଆଧାର କାର୍ଡ, ସିମ କାଡ଼. ବ୍ୟାଙ୍କ ଡିଟେଲସ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟକୁ ହାସଲ କରିଥାଏ। ବିଶେଷକରି ମହିଳା, ଗ୍ରାମାଞ୍ଚଳ ଲୋକ ଓ କିଶୋର କିଶୋରୀଙ୍କୁ ଏଥିରେ ଅଧିକ ଟାର୍ଗେଟ କରାଯାଏ। ଠକମାନେ ଅର୍ଥ ହେରଫେର ତଥା ନିଶାଦ୍ରବ୍ୟ ବିକ୍ରି ଭଳି ମାମଲା ସହ ଜଡ଼ିତ ମିଥ୍ୟା ଅଭିଯୋଗ ପ୍ରସ୍ତୁତ କରି ପୀଡ଼ିତଙ୍କୁ ଭୟ ଦେଖାଇଥାନ୍ତି। ଗିରଫ ଭୟରୁ ମୁକ୍ତି କରିଦେବା କହି ଲକ୍ଷ ଲକ୍ଷ ଟଙ୍କା ଠକିବାରେ ସଫଳ ହୁଅନ୍ତି। ଲୋକଙ୍କୁ ଫାନ୍ଦରେ ପକାଇବା ପାଇଁ ସାଇବର ଠକମାନେ ବିଶେଷ କରି ବିଦେଶୀ କଳା ଟଙ୍କା ନେଣଦେଣ ତଥା ଡ୍ରଗ୍ସ ଭଳି ମାମଲା ସହ ଜଡ଼ିତ ନକଲି ଅଭିଯୋଗ ପ୍ରସ୍ତୁତ କରିଥାନ୍ତି। ଏସବୁ ପୂର୍ବରୁ ଜଣେ ଠକ ପୀଡ଼ିତଙ୍କ ନାମ, ଠିକଣା, ବୃତ୍ତି ତଥା ଅନ୍ୟାନ୍ୟ ଡାଟା ବିଷୟରେ ପ୍ରଥମେ ଜାଣିବାକୁ ଚେଷ୍ଟା କରିଥାଏ। ଏଥିଲାଗି ଠକ ସୋସିଆଲ ମିଡ଼ିଆକୁ ବ୍ୟବହାର କରିଥାଏ। କିମ୍ବା ପୀଡ଼ିତଙ୍କର ଅନଲାଇନ ସାଙ୍ଗ ହେବାକୁ ଚେଷ୍ଟା କରି ତଥ୍ୟ ହାସଲ କରେ।

ଭାରତର ସାଇବର ଅପରାଧ ମାମଲା ଲାଗି ସୂଚନା ପ୍ରଯୁକ୍ତି ବିଦ୍ୟା ଅଧିନିୟମ ୨୦୦୦ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ସଂଶୋଧନ ଅଧିନିୟମ ୨୦୦୮ ଲାଗୁ ହୋଇଥାଏ। ଏଥିରେ ଅନେକ ପ୍ରକାରର ସାଇବର ଅପରାଧ ମାମଲାର ଦଣ୍ଡ ରହିଛି। ଏଥିରେ ସାଇବର ଅପରାଧିକ କାର୍ଯ୍ୟକଳାପକୁ ନଜରରେ ରଖି ଅନ୍ୟୁନ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜୋରିମାନା ଦଣ୍ଡ ରହିଛି। ଭାରତୀୟ ଦଣ୍ଡ ସଂହିତା ଧାରା ୫୦୯ ଅନୁଯାୟୀ ଯଦି ଜଣେ ଅପରାଧୀ କୌଣସି ବ୍ୟକ୍ତି କିମ୍ବା ମହିଳାଙ୍କ ଗୋପନୀୟତାକୁ ଉଲ୍ଲଂଘନ କରେ, ତେବେ ତାଙ୍କୁ ଦଣ୍ଡ ଦିଆଯାଇପାରେ। ସେହିପରି ଡାଟା ବ୍ରିଚ ବା ତଥ୍ୟ ଚୋରି ଲାଗି ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ବିଲ ୨୦୨୩ ସହ ଜଡ଼ିତ କରାଯାଏ। ଏହି ବିଲ ଅଧୀନରେ ଭାରତର ସମସ୍ତ ଅନଲାଇନ ତଥ୍ୟ ଆଇନଗତ ଆଭିମୁଖ୍ୟରେ ରଖାଯାଇଛି। ଏହି ବିଲ ଅନୁଯାୟୀ ଡିଜିଟାଲ ପ୍ଲାଟଫର୍ମରେ ଠକେଇ ଓ ତଥ୍ୟ ଚୋରି କରିବା ଲାଗି ଜେଲ ଦଣ୍ଡ ସମେତ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯିବାର ବ୍ୟବସ୍ଥା ରହିଛି।

ଏନେଇ ଆପଣ କିପରି ରକ୍ଷା ପାଇବେ ସେ ନେଇ ଉଲ୍ଲେଖ କରୁଛୁ। ସର୍ବପ୍ରଥମେ ଆଧାର କାର୍ଡ଼, ସିମ କାର୍ଡ଼, ଏଟିଏମ୍ କାର୍ଡ଼ ଏବଂ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ କାହା ସହ ସେୟାର କରନ୍ତୁ ନାହିଁ। ଅଜ୍ଞାତ କଲ କିମ୍ବା ଇମେଲଗୁଡ଼ିକୁ ଅଣଦେଖା କରନ୍ତୁ। କୌଣସି ବ୍ୟକ୍ତିଙ୍କୁ ଅନଲାଇନ ମାଧ୍ୟମରେ ଟଙ୍କା ଦେବା ପୂର୍ବରୁ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଗ୍ରହଣ କରନ୍ତୁ। ଯଦି କେହି ଆପଣଙ୍କୁ କଲ କିମ୍ବା ଭିଡ଼ିଓ କଲ ମାଧ୍ୟମରେ ଧମକ ଦେବାକୁ ଚେଷ୍ଟା କରନ୍ତି ତେବେ ସ୍କ୍ରିନ ରେକର୍ଡିଂ କିମ୍ବା ସ୍କ୍ରିନସଟ ମାଧ୍ୟମରେ ଏହାର ପ୍ରମାଣ ସେଭ କରନ୍ତୁ। ସୋସିଆଲ ମିଡ଼ିଆରେ ନିଜର ବ୍ୟକ୍ତିଗତ ତଥ୍ୟ ସେୟାର କରନ୍ତୁ ନାହିଁ କିମ୍ବା ଓଟିପି କାହା ସହ ସେୟାର କରନ୍ତୁ ନାହିଁ। ସୋସିଆଲ ମିଡ଼ିଆରେ ନିଜର ଲୋକେସନ ସେୟାର କରନ୍ତୁ ନାହିଁ। ଇମେଲ ମାଧ୍ୟମରେ ଆସୁଥିବା କୌଣସି ଅଜ୍ଞାତ ଲିଙ୍କ ଉପରେ କ୍ଲିକ କରନ୍ତୁ ନାହିଁ। ଏହା ଫିସିଙ୍ଗ ଆଟାକ ହୋଇପାରେ। ଇଣ୍ଟରନେଟ ବ୍ୟବହାର କରିବା ସମୟରେ ଯଦି କୌଣସି ପ୍ରକାରର ପପ୍ ଅପ୍ ମେସେଜ ଆସୁଛି କିମ୍ବା ଫ୍ଲସ ମେସେଜ ଆସୁଛି, ତେବେ ତାହାକୁ କ୍ଲିକ କରନ୍ତୁ ନାହିଁ। ଯଦି ଆପଣଙ୍କର ବ୍ୟାଙ୍କ କିମ୍ବା କୌଣସି ସଂସ୍ଥାର ନାମରେ କଲ ଆସୁଛି ଓ ଆପଣଙ୍କର ତଥ୍ୟ ବିଷୟରେ ପଚରାଯାଉଛି ତେବେ ନିଜ ପରିଚୟ ଓ ତଥ୍ୟ ବିଷୟରେ କୁହନ୍ତୁ ନାହିଁ। ସେହିପରି ଅନଲାଇନ ବନ୍ଧୁଙ୍କୁ ବିଶ୍ୱାସ କରି ନିଜର ବ୍ୟକ୍ତିଗତ ସୂଚନା ପ୍ରଦାନ କରନ୍ତୁ ନାହିଁ। କୌଣସି ପରିସ୍ଥିତିରେ ଆପଣ ସମ୍ପୂର୍ଣ୍ଣ ରୂପେ ଜ୍ଞାତ ନହୋଇଥିବା ତଥ୍ୟ ଭାଇରାଲ କରନ୍ତୁ ନାହିଁ କିମ୍ବା ଅନ୍ୟ ମାନଙ୍କୁ ଜଣାନ୍ତୁ ନାହିଁ ଏହା ଆପଣଙ୍କ ପାଇଁ ଅସୁବିଧାଜନକ ହେବା ସହ ଦେଶର ଧନଜୀବନ ସୁରକ୍ଷା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ଏ କ୍ଷେତ୍ରରେ ତୁରନ୍ତ ପ୍ରଶାସନ ବିଶେଷକରି ପୋଲିସ ପ୍ରଶାସନର ସହାୟତା କରି ଜଣେ ସୁନାଗରିକ ଭାବେ ନିଜ ଦାୟିତ୍ୱ ନିର୍ବାହ କରନ୍ତୁ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,

# ଯମପୁରକୁ ରାସ୍ତା

**ଅଜୟ କୁମାର ବେହେରା ■**

ରୋମୀୟ ମାନଙ୍କର ବିଶ୍ୱାସ ଯେ ସବୁ ରାସ୍ତା ରୋମକୁ ପଡ଼ିଛି। ଆମର ଶାସ୍ତ୍ର କହୁଛି ଦୃଶ୍ୟା ଦୃଶ୍ୟ ଅନେକ ରାସ୍ତା ଅଛି। ଏ ମଧ୍ୟରୁ ବହୁ ରାସ୍ତା ଉପଯୁକ୍ତ ଜ୍ଞାନ ଉପଦେଶରେ ନ ଚାଲିଲେ ତାହା ଯମପୁର ଆଡ଼ୁ ଲମ୍ବି ଯାଇଛି। ଗୁରୁ ଗୁରୁଜନଙ୍କ ତାଡ଼ନା ଉପଦେଶ ଯମପୁରୁ ଯିବା ରାସ୍ତାରୁ ଦୂରେଇ ଦିଏ। ଅନେକ ବାଣୀ ବ୍ୟକ୍ତିଙ୍କୁ ଖଙ୍ଗୁସ ଲାଗେ। ବେପରୁଆ ମାନଙ୍କ ପାଇଁ ରାସ୍ତାରେ ବାଙ୍କ ନାହିଁ, ଛକ ନାହିଁ, ଚିନ୍ତନ ପଡ଼େ। ହେଲେ ସବୁରାସ୍ତାରେ ବାଙ୍କ ଛକ ଅଛି ବୋଲି ଯାନରେ ହେଣ୍ଡଲ ବ୍ରେକ ଟ୍ରାଫିକ ନିୟମ ରହିଛି। ତିନିଜଣ ମଦତି, ମଦ୍ୟପାୟୀ ବ୍ୟକ୍ତି ସବୁଙ୍କର ସଭା ଅଛି। ଅତିକମରେ ତିନିଜଣରେ ସଭାଟିଏ ହୋଇପାରେ। ଦୁଇଜଣରେ କାଣ୍ଡ ଘଟିପାରେ। ବ୍ରାହ୍ମଣ ତ୍ରୟମ୍ ମନା କରାଯାଇଛି ତାର କାରଣ ଏକ ଘଟଣାକୁ ମତାନ୍ତର କଲେ କଳି ଉପୁଜିବାରେ ଲାଗେ। ଦ୍ୱୟ ବା ଚତୁଃ ବା ତତୋଧିକ ବ୍ରାହ୍ମଣରେ ପୂଜା ପାର୍ବଣ ଯଜ୍ଞ ଶ୍ରାଦ୍ଧ ସହଜରେ ହେଉଛି। ସେମିତି ସବୁ ମାଷ୍ଟରରେ ଅପେରା ପାର୍ଟି କେବେ ମଞ୍ଚସ୍ଥ ନାଟକ କେବେ ସର୍ବାଙ୍ଗ ସୁନ୍ଦର ହୋଇନପାରେ। ଅତଏବ ଏ ବିଧାନ ସର୍ବଦା ଅନୁସୃତ ହେବା କଥା ଯୁଆଡ଼ି ନିଶାଡ଼ି ମଦତି ଏମାନେ ଏକ ଗୋଷ୍ଠୀରେ ଆସିଗଲେ କଳି ହୋଇ ସାଂଘାତିକ ଅବସ୍ଥା ଉପୁଜିଥାଏ। ଏକ ନାରୀ ଧନ, ଜମିଜମା ଆଦିରେ ଲୋଭ ହୋଇ ଜିଗିରି ଦୋସ୍ତ ବି ଶତୃତା ପ୍ରାଣ ହାନି ଅବସ୍ଥା ହୋଇଥାଏ। ଏମିତି ତିନିଜଣ ଘୋଡ଼ା ମଦୁଆ ସେ ପୁଣି ଘୋଡ଼ାରେ ଦ୍ୱାରାନ୍ତ ଯାତ୍ରୀ ଯାତ୍ରା ପଥ ଅତିକ୍ରାନ୍ତ କରୁଥିଲେ ଖେୟାଲ ପଶିଗଲା, ଜୀବନ କେତେ ସୁନ୍ଦର ଏ ଜୀବନ ଦିନେ ଚାଲିଯିବ, ଏ ଜୀବନ ହାନିର କାରଣ ହେଉଛନ୍ତି 'ଯମ' ଯଦି ଯମ ଠିକଣା ଖୋଜି ତାଙ୍କୁ ଖତମ କରି ଦିଆଯାଆନ୍ତା। ତେବେ ଜୀବନ ସାରା ଅୟସ କରି କରି କଟାଯାଇ ପାରନ୍ତା। ଯମ ମାରଣ ଅଭିଯାନ ତିନି ମଦ୍ୟପ ଯୁବକ ଘୋଡ଼ାରେ ଆସି ହସ୍ତା ହୋଇ ନିଶାରେ ଚୁର ଟୋଇ ଯମ ଖୋଜାରେ ରାଜପଥରେ କଳିକଳା ନାଦ କରି ଧାବିତ ଲୋକ ଏମାନଙ୍କର ରୂପ ହାତର ଅସ୍ତ୍ର ଦେଖି ଦୂରରୁ ବାଟ କାଟୁଛନ୍ତି କିନ୍ତୁ ସମସ୍ତେ ସ୍ୱାଭାବିକ ଗତିରେ ନଥାନ୍ତି ଅତିବୃଦ୍ଧି ଲେଙ୍କଡ଼ା ଅନ୍ଧ ଜଟିଳ ରୋଗୀ ଏମାନେ ସ୍ୱଭାବିକ ଚାଲିବ ସମ୍ଭବ ନୁହଁ। ଏ କିଳିକିଳା ରଡ଼ିକୁ ଘୋଡ଼ା ଝପଟା ବେଗରେ ସେମାନେ ମନ୍ଥର ପାରି ହେବା ବେଳେ ଏମାନଙ୍କ ମୁଣ୍ଡରେ ଆସେ ଦେଖ ଏମାନଙ୍କୁ କପରି ଯମଯନ୍ତ୍ରଣ ଦେଉଛି। ଆମକୁ ଏମିତି କରାଇପାରେ ନା ଆଉ ନୁହଁ ତାର ସବୁ ଦିଗକୁ ଆମର ଆଜ ଦିନଯାତ୍ରା ଚାଲିଛି। ପାର୍ଟି ଚାଲିଛି ରେ ରେ ଯଜମ ଲଲକାର ଚାଲିଛି। ଏମିତି ବେଳେ ଜଣେ ଅତିବୃଦ୍ଧ ବାଡ଼ିଧରି ନଇଁ ନଇଁ ରାସ୍ତା ଅତିକ୍ରମ କଲାବେଳେ ଏ ତିନିଙ୍କର ଦୃଷ୍ଟିରେ ଆସିଗଲେ। ଏମାନେ ଘୋଡ଼ା ଅଟକାଇ ସେ ବୃଦ୍ଧକୁ ପଚାରିଲେ ହେ ବୁଢ଼ା କହତ ଦେଖି ତୁ ଯମକୁ ଦେଖିଛୁ ବୁଢ଼ା ଜାଣିଲା ଏମାନେ ଉଦଭ୍ରାନ୍ତ ମଦ୍ୟପ ଅସ୍ତ୍ରଧାରୀ ଯୁବକ ଏମାନଙ୍କର ସପକ୍ଷ କଥା ନକହିଲେ ପ୍ରାଣ ସଂଶୟ ହୋଇପାରେ, ଅଥଚ ରକ୍ଷା ପାଇବା ପାଇଁ ଏକ ଦୂରପଥର ଠିକଣା କହି ଖସିଯିବା ଭଲ। ବୁଢ଼ା କହିଲେ ମହାଭାଗ ବାବୁମାନେ ମୁଁ ଦେଖି ଆସିଲି ମୋର ପଛପଟ ପଥରେ ବହୁ ଦୂରରେ ଏକ ଆମ୍ବତୋଟା ଅଛି ସେଠାରେ ଯମ ତାଙ୍କର ପାରିଷଦଙ୍କ ସହିତ ବସି କଣ ଆଲୋଚନା କରୁଛନ୍ତି। ହଉରେ ବୁଢ଼ା ଆମେ ଯାଉଛୁ ଯମକୁ ମାରିବାକୁ ତୁ ଏ ଯମର ହାନିରେ ମରଣ ଚିନ୍ତାରୁ ନିଶ୍ଚେ ମୁକ୍ତ ହେବୁ ଆମେ ତେବେ ଆସୁଛି।

ମାର୍ଗୀ ହେଲେ ମଦ୍ୟପ ତ୍ରୟ ବୃଦ୍ଧ ଦର୍ଶିତ ପଥରେ କିଛି ବାଟ ଯାଇ ଆମ୍ବତୋଟାରେ ପହଞ୍ଚିଲେ। ସେତେବେଳେ ଅଶ୍ୱାରୋହୀ ପୋଲିଶ ଅପରାଧି ନିୟନ୍ତ୍ରଣ ଶାନ୍ତିରକ୍ଷା ପାଇଁ ସେ ଆମ୍ବତୋଟାରେ ଏକ ଡକାୟତି ଗ୍ୟାଙ୍ଗ ଏକାନ୍ତ ମନେକରି ଲୁଣ୍ଠିତ ଧନ ଅଳଙ୍କାର ସୁନା ଗଦାକରି ନିଜ ନିଜ ମଧ୍ୟରେ ବାଣ୍ଟିନେବା ପାଇଁ ମସୁଧା ଚଳାଇବା ପାଇଁ ମସୁଧା କଲାବେଳେ ଘୋଡ଼ା ଟାପୁ ଶବ୍ଦରେ ସେ ସ୍ଥାନ ଛାଡ଼ି ପଳାଇଲେ ମାତ୍ର ଲୁଣ୍ଠିତ ଦ୍ରବ୍ୟ ସେଠାରେ ପଡ଼ିରହିଗଲା। ଏ ମଦ୍ୟପ ବାପୁଡ଼ା ମାନେ ଧନ ଦେଖି ଭେଲ ହେଲେ ଧନକୁ କେମିତି ଭୋଗ କରିବେ ଏଇ ଭାବନାରେ ଆସିଗଲେ। ବେଳକୁ ବେଳ ଧନତୃଷ୍ଣା ବଢ଼ିଲା ତେବେ ଆହୁରି ପାନ କରି ଏ ଧନକୁ ତିନି ଜଣ ବାଣ୍ଟିବା ଭାବନାରେ ଆସିଗଲେ। ପ୍ରଥମେ ଆହୁରୀ କିଛି ପିଇବା ଆବଶ୍ୟକ ଗଡ଼ା ବିଲାତି ମାଲ ପିଇବା ଆବଶ୍ୟକ। ଧୃତ ପଇସାରେ ଏକ ମୋଟ ଭାଗକୁ ଏକ ଜଣ ଅଂଶିଦାରକୁ ଦେଇ ବଜାରରୁ ମାଲ ପାଇଁ ପଠାଇ ଆଉ ଦୁଇଜଣ ଧନ ଜଗି ରହିଲେ। ଯେ ଜଗିରହିଲେ ମୁଣ୍ଡ ଆସିଲା ଏ ଧନ ତିନିଭାଗ ନକରି ଏଇ ଦୁଇଜଣ ନିଜ ଭିତରେ ବାଣ୍ଟିନେଲେ ଅଧିକ ଧନ ଭାଗ ମିଳିଯାଆନ୍ତା। ଅତଏବ ଚିନ୍ତାର ଶେଷ ପରିଣତି ତାଙ୍କର ଶେଷ ପରିଣତି ହେଲା ସେ ମଦ୍ୟ ନେଇ ଆସିଲେ ତିନିପାତ୍ର ପରସ୍ପର ସ୍ପର୍ଶ କରି ପାନ ପରେ ତାକୁ ଖଣ୍ଡା ଭୁଷି ମାରିଦେଇ ଭାଗ ଦ୍ୱିଭାଗ କରି ନେବେ। ଯେ ବଜାର ଯାଇଥିଲା ତା ମୁଣ୍ଡକୁ ଆସିଲା ମୁଁ ଏ ଧନର ଏକା ଅଧିକାରୀ କାହିଁକି ହୋଇପାରିବି ନାହିଁ। ଏ ପାଇଁ ଛଳନାରେ ସେ ଦୁଇଜଣଙ୍କ ମଦରେ ବିଷ ମିଶାଇ ଦେଇ ତାଙ୍କୁ ଅନ୍ତଃ କରିବା ବୁଦ୍ଧି ପ୍ରକଟ ହେଲା। ପର ଅବସ୍ଥାରେ ମଦ୍ୟପାନ କରିବାରେ ବିଷାକ୍ତ ମଦ୍ୟ ପ୍ରକ୍ରିୟାରେ ଦୁଇଜଣ ଖଣ୍ଡା ଭୂଷାରେ ଏକ ଜଣ ସେଠାରେ ଟଳି ପଡ଼ିଥିଲେ। ଅତଏବ ଏମାନେ ଯଥାର୍ଥରେ ସେମାନେ ଯମ ପଥରେ ଆସି ଯମଙ୍କୁ ହିଁ ଭେଟିଥିଲେ। କପଟ ଗୋଷ୍ଠୀ ଜୀବନରେ ଜଣେ କରିଲେ ଅନ୍ୟମାନେ ହିଁ ତାହା କରିବାରୁ କ୍ଷାନ୍ତ ନଥିବେ ଏହା ସବୁବେଳେ ବୁଝିବା ଦରକାର ଏହାହିଁ ଯମ ପଥର ଯାତ୍ରା।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

**ସତ୍ୟ ମହାପାତ୍ର ■**

ଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଥିବାବେଳେ ଭାରତର ନ୍ୟାୟ ପାଳିକା ମଧ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା।

ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିକୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି।

ପ୍ରତାଡ଼ନା ଓ କ୍ରୂରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୂରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ କଟକଣା ରହିଛି।

ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦୋଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି।

ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଚ୍ଛା ତାଙ୍କାର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ।

ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିକୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଚ୍ଛା ଛିନ୍ନ କରିପାରିବେ ନାହିଁ।

ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିକୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ।

ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ ରହିଛି।

ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିକର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ ଅଧିକାର ରହିଛି। ସେ ଟ୍ରେଡ୍ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ।

ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ।

ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ଯାହା ଅନ୍ୟର ସ୍ୱାଧୀନତା ବା ଅଧିକାରକୁ ନଷ୍ଟ କରିବ।



# ମଣିପାଲ ହସ୍ପିଟାଲ ପକ୍ଷରୁ ଲାପ୍ରୋସ୍କୋପିକ୍ ଲାଇଭ୍ କର୍ମଶାଳା VPCON ଆୟୋଜିତ

ଭୁବନେଶ୍ୱର ୨୯/୧୧ (ନି.ପ୍ର) : ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ସଫଳତାର ସହିତ ଲାଇଭ୍ ଲାପାରୋସ୍କୋପିକ୍ କର୍ମଶାଳା VPCON ୨୦୨୪ ଆୟୋଜନ କରାଯାଇଥିଲା। ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଗାଇନେକୋଲୋଜିକାଲ୍ ଏଣ୍ଡୋସ୍କୋପିଷ୍ଟସ୍ (IAGE) ଏବଂ ଆସୋସିଏସନ୍ ଅଫ୍ ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଏନେକୋଲିଷ୍ଟସ୍ ଅଫ୍ ଓଡ଼ିଶା (AOGO) ର ମିଳିତ ସହଯୋଗରେ ଆୟୋଜିତ ଏକ କର୍ମଶାଳାରେ ୧୦୦ରୁ ଊର୍ଦ୍ଧ ପ୍ରସୂତୀ ଓ ସ୍ତ୍ରୀରୋଗ ବିଭାଗର ଡାକ୍ତର ମାନେ ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ଅଭିଜ୍ଞ ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ଡାକ୍ତର ଜନ୍ମେଜୟ ମହାପାତ୍ର, ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଗାଇନୋକୋଲୋଜିକାଲ୍ ଏଣ୍ଡୋସ୍କୋପିଷ୍ଟସ୍ (IAGE) ଓଡ଼ିଶା ଶାଖାର ସଭାପତି ପ୍ରଫେସର ଡାକ୍ତର ଭାରତୀ ସାହୁ, ସମ୍ପାଦକ ଡାକ୍ତର ମନୋରଞ୍ଜନ ମହାପାତ୍ର ଏବଂ ଯୁଗ୍ମ-ସଭାପତି ଡାକ୍ତର ସୁଜିତ୍ ବେହେରାଙ୍କ ସମେତ ଅନେକ ଡାକ୍ତର ମାନେ ଯୋଗଦାନ କରିଥିଲେ। ଡାକ୍ତର



ମନୋରଞ୍ଜନ ମହାପାତ୍ର, ଡାକ୍ତର ସୁଜିତ ବେହେରା, ଡାକ୍ତର ହରପ୍ରୀତ କୌର, ଡାକ୍ତର ମୋନିକା ଗୁପ୍ତା, ଡାକ୍ତର ଶିବାନୀ ଦେବୀ,ଡାକ୍ତର ଭାରତ ଭୂଷଣଙ୍କ ଭଳି ଦକ୍ଷ ଏବଂ ଅଭିଜ୍ଞ ଡାକ୍ତର ମାନେ ଏହି କର୍ମଶାଳା ଏବଂ ଲାଇଭ ସର୍ଜରୀ କାର୍ଯ୍ୟକ୍ରମକୁ ତଦାରଖ କରି ଦାୟିତ୍ୱ ଲିଭାଇଛନ୍ତି। ଏହି କର୍ମଶାଳା ସମ୍ପର୍କରେ ସୂଚନା ଦେଇ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ବରିଷ୍ଠ ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ହରପ୍ରୀତ କୌର କହିଥିଲେ ଯେ, ଓଡ଼ିଶାର ତଥା ଭାରତର ଅନେକ ପ୍ରସିଦ୍ଧ ସର୍ଜନ ମାନେ ଫାଇବ୍ରଏଡ୍ ଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟାର ଲାଇଭ୍ ସର୍ଜରୀ କରି ଅଂଶ ଗ୍ରହଣ କରିଥିବା ଅନ୍ୟ ଡାକ୍ତର ମାନଙ୍କୁ ଶିଖାଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ଲାପାରୋସ୍କୋପିକ୍ ସର୍ଜରୀ କରୁଥିବା ଡାକ୍ତରମାନଙ୍କ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଯେଉଁଥିରେ ସେମାନେ ରାଜ୍ୟର ତଥା ଦେଶର ଅଭିଜ୍ଞ ସର୍ଜନଙ୍କ ଠାରୁ ସର୍ଜରୀ ବିଷୟରେ ନୂତନ ଜ୍ଞାନ କୌଶଳ ଏବଂ ପ୍ରଣାଳୀ ଶିଖିପାରିବେ। ଯାହାକି ଭବିଷ୍ୟତରେ ସେମାନଙ୍କୁ ରୋଗୀ ସେବା କ୍ଷେତ୍ରରେ ଏବଂ ଚିକିତ୍ସା କ୍ଷେତ୍ରରେ ବେଶ ସହାୟକ ହେବ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ ଯେ, ଆମେ ଗର୍ବିତ ଯେ, ଆମେ IAGE - AOGO ସହଯୋଗରେ ସଫଳତାର ସହିତ VPCON ୨୦୨୪ ଆୟୋଜନ କରିପାରିଥିଲୁ। ଏହି କର୍ମଶାଳାରେ ଅନେକ ପ୍ରସିଦ୍ଧ ଡାକ୍ତର ମାନେ ଲାଇଭ୍ ସର୍ଜରୀ କରିବା ସହିତ ଅଂଶ ଗ୍ରହଣ କରିଥିବା ଅନ୍ୟ ସମସ୍ତ ଡାକ୍ତର ମାନଙ୍କୁ ଏହି ଅତ୍ୟାଧୁନିକ ସର୍ଜରୀ ବିଷୟରେ ମଧ୍ୟ କହିଥିଲେ। ଆଗାମୀ ଦିନରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଏଭଳି ଅନେକ କର୍ମଶାଳାର ଆୟୋଜନ କରିବାର ମଧ୍ୟ ଯୋଜନା ରହିଛି ଯେଉଁଥିରେ ଦେଶ ତଥା ବିଦେଶର ପ୍ରସିଦ୍ଧ ଡାକ୍ତର ମାନେ ଯୋଗଦାନ କରିବେ।

# 'ବାଲ୍ ବିବାହ ମୁକ୍ତ ଭାରତ' ଅଭିଯାନ ଅଧୀନରେ କେନ୍ଦୁଝରର ବାଲ୍ୟ ବିବାହ ବିରୋଧରେ ନିର୍ଣ୍ଣୟ ନେଉଛି

କେନ୍ଦୁଝର,୨୯।୧୧: ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ରାଷ୍ଟ୍ରବ୍ୟାପୀ 'ବାଲ୍ ବିବାହ ମୁକ୍ତ ଭାରତ' (ବାଲ୍ୟବିବାହ ମୁକ୍ତ ଭାରତ) ଅଭିଯାନର ଶୁଭାରମ୍ଭର ଅଂଶ ଭାବରେ କେନ୍ଦୁଝରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ସିଡିପିଓଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମ୍ବେଦୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବାଲ୍ୟ ବିବାହ ନିରାକରଣ ସଂଯୋଜକ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ ଉଦ୍‌ଘାଟନ କରିଥିଲେ ଏବଂ ଏଥିରେ ସିଡିପିଓ, ଅଙ୍ଗନବାଡି ସୁପରଭାଇଜର, ଡିସିପିଓ, ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ସଦସ୍ୟଗଣ, ମହିଳା ସ୍ୱାସ୍ଥ୍ୟ ସହକାରୀ (ଏଲଏଚଭି), ପିଆରଆଇ ସଦସ୍ୟଗଣ, ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟସ୍ (ସିସିଆଇ)ର




ପ୍ରତିନିଧିଗଣ ଓ ଅନ୍ତେବାସୀ ଏବଂ କିଶୋରୀ ବାଳିକାଙ୍କ ସମେତ ପ୍ରାୟ ୪୫ଜଣ ସହଭାଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବ୍ୟକ୍ତିଗତ ବିକାଶ ଉପରେ ପଡୁଥିବା ବିନାଶକାରୀ ପ୍ରଭାବ ଉପରେ ଦୃଷ୍ଟିନିବଦ୍ଧ କରାଯାଇ ଆନ୍ତଃକ୍ରିୟାଶୀଳ ଆଲୋଚନା ଏବଂ ସଚେତନତା ସୃଷ୍ଟିକାରୀ ଅଧିବେଶନ ସ୍ଥାନ ପାଇଥିଲା। ଏଥିସହିତ ଉପସ୍ଥିତ ସମସ୍ତେ ବାଲ୍ୟ ବିବାହ ନିରାକରଣ ଏବଂ ପିଲାଙ୍କ ନିମନ୍ତେ ଏକ ସୁରକ୍ଷିତ ଭବିଷ୍ୟତକୁ ପ୍ରୋତ୍ସାହିତ କରିବାକୁ ସେମାନଙ୍କର ପ୍ରତିବଦ୍ଧତା ନିମନ୍ତେ ଶପଥ ପାଠ କରିଥିଲେ। ଏହି ଅଭିଯାନର ପହଞ୍ଚକୁ ପରିବ୍ୟାପ୍ତ କରି ପଟଣା, ହାଟଡିହି ଏବଂ ବାଂଶପାଳ ବ୍ଲକଗୁଡିକରେ ହମାରା ବଚ୍‌ପନ ଟ୍ରଷ୍ଟ (ଏଚବିଟି) ଦ୍ୱାରା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ୧୩ଟି ଗ୍ରାମପଞ୍ଚାୟତର ୫୦ଟି ଗ୍ରାମକୁ ପରିସରଭୁକ୍ତ କରିଥିଲା। ଅଙ୍ଗନବାଡି କର୍ମୀ, ଏସଏଚ୍‌ଜି ଏବଂ ସିବିଓ ସଦସ୍ୟାଗଣ, ପିଆରଆଇ ପ୍ରତିନିଧିଗଣ, ଅଭିଭାବକ, ଯୁବଗୋଷ୍ଠୀଙ୍କ ସମେତ ୨୨୦୦ରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମଗୁଡିକରେ ଅଂଶଗ୍ରହଣ କରିଥିଲେ। ମହମବତୀ ଶୋଭାଯାତ୍ରା ଗ୍ରାମ ରାସ୍ତାଗୁଡିକୁ ଆଲୋକିତ କରିଥିବାବେଳେ ଶପଥ ଗ୍ରହଣ ଉତ୍ସବ ଜନସାଧାରଣଙ୍କୁ ଏକ ବାଲ୍ୟ ବିବାହମୁକ୍ତ ଭବିଷ୍ୟତ ନିର୍ମାଣ ନିମନ୍ତେ ସେମାନଙ୍କର ପ୍ରତିବଦ୍ଧତାକୁ ନେଇ ଏକତ୍ରିତ କରାଇଥିଲା। ଏକ ବାଲ୍ୟ-ବିବାହ-ମୁକ୍ତ ଭାରତ ଗଠନ ନିମନ୍ତେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ନଭେମ୍ବର ୨୭ରେ ଆରମ୍ଭ କରାଯାଇଥିବା ରାଷ୍ଟ୍ରବ୍ୟାପୀ ଅଭିଯାନକୁ ଏହି ସମସ୍ତ କାର୍ଯ୍ୟକଳାପ ପ୍ରତିଧ୍ୱନିତ କରାଉଛି। ୪୦୦ ଜିଲ୍ଲାରେ କାର୍ଯ୍ୟକରୁଥିବା ୨୫୦ରୁ ଅଧିକ ଏନ୍‌ଜିଓଗୁଡ଼ିକର ଏକ ନେଟୱର୍କ ଜଷ୍ଟ ରାଇଟସ୍ ଫର ଚିଲଡ୍ରେନ (ଜେଆରସି)ର ଏକ ଅଂଶୀଦାର ଭାବରେ ଏଚ୍‌ବିଟି ଶିଶୁ ସୁରକ୍ଷା ଅଧିକାର ବଜାୟ ରଖିବା ଦିଗରେ ସକ୍ରିୟ ଅବଦାନ ରଖୁଛି। ସହଯୋଗୀତା, ସଚେତନତା କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀର କାର୍ଯ୍ୟକଳାପ ଜରିଆରେ ଏଚ୍‌ବିଟି କେନ୍ଦୁଝର ଜିଲ୍ଲାକୁ ବାଲ୍ୟ-ବିବାହ-ମୁକ୍ତ କରିବା ଲକ୍ଷ୍ୟ ହାସଲ ନିମନ୍ତେ ସୁରକ୍ଷା କୌଶଳ ମଜଭୁତ କରିବାକୁ ନିଜର ଉତ୍ସର୍ଗୀକୃତ ପ୍ରୟାସ ନିରନ୍ତର ଜାରି ରଖିଛି।

# ଫୋନପେର ଶେୟାର.ମାର୍କେଟ ପକ୍ଷରୁ 'ଶୀଟ୍ସ'ର ଶୁଭାରମ୍ଭ

ଭୁବନେଶ୍ୱର,୨୯।୧୧ : ଫୋନପେର ଏକ ପ୍ରଡକ୍ଟ ସେୟାର.ମାର୍କେଟ ପକ୍ଷରୁ ଶୀଟ୍ସର ଶୁଭାରମ୍ଭ କରାଯାଇଛି । ଡିସକାଉଂଟ ବ୍ରୋକିଂ ଲ୍ୟାଣ୍ଡସ୍କେପରେ ଏହି ଶିଳ୍ପ-ପ୍ରଥମ ଫିଚର ବଜାର ଅଂଶଗ୍ରହଣକାରୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର ବାଣିଜ୍ୟ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଡିଜାଇନ୍ ହୋଇଛି। ୱେବ ପ୍ଲାଟଫର୍ମ ଟ୍ରେଡ.ସେୟାର.ମାର୍କେଟରେ ଉପଲବ୍ଧ, ଶୀଟ୍ସ ବଜାର ଡାଟାକୁ ସିଧାସଳଖ ସ୍ପ୍ରେଡସିଟରେ ଇମ୍ପୋର୍ଟ କରି ଏବଂ ଅତି ସହଜରେ ସେମାନଙ୍କ ନିଜସ୍ୱ ବାଣିଜ୍ୟ ମଡେଲ ଏବଂ ରଣନୀତି ପ୍ରସ୍ତୁତ କରିବାରେ ବ୍ୟବସାୟୀମାନଙ୍କୁ ସାହାଯ୍ୟ କରେ । ଶେୟାର.ମାର୍କେଟ ଶୀଟ୍‌ସର ଶୁଭାରମ୍ଭ ସହିତ ଶିଳ୍ପକୁ ନୂଆ ରୂପ ଦେଇଛି ଏବଂ ଏହି ଅଭିନବ ଫିଚର ପ୍ରଦାନ କରିବାରେ ଦେଶର ଏକମାତ୍ର ଡିସକାଉଂଟ ବ୍ରୋକର ପାଲଟିଛି । ଏହି ଅତ୍ୟାଧୁନିକ ଟୁଲ ବଜାର ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ନିଜସ୍ୱ ଜ୍ଞାନ ବଢ଼ାଇବା ଏବଂ ବଜାରର କାର୍ଯ୍ୟକ୍ଷମ ଅନ୍ତର୍ନିହିତ ଉପାଦାନଗୁଡ଼ିକୁ ବୁଝିବା ପାଇଁ ଆବଶ୍ୟକ ଭିତିଭୂମି ପ୍ରଦାନ କରେ । ଶୀଟ୍‌ସ ବ୍ୟବସାୟୀ ସମୁଦାୟକୁ ବିକଳ୍ପ ରଣନୀତି ନିର୍ମାଣ କରିବା, କ୍ରୟ ଏବଂ ବିକ୍ରୟ ପାଇଁ ସଙ୍କେତ ସୃଷ୍ଟି କରିବା ଏବଂ ରିୟଲ-ଟାଇମ୍ ଆଧାରରେ ପ୍ରଭାବଶାଳୀ ଭାବରେ ଟ୍ରେଣ୍ଡଗୁଡିକୁ ବିଶ୍ଳେଷଣ କରିବାକୁ ସକ୍ଷମ କରେ । ଶୀଟ୍ସର ଶୁଭାରମ୍ଭ ବିଷୟରେ ଆଲୋଚନା କରି ଶେୟାର.ମାର୍କେଟର ସିଇଓ, ଉଜ୍ଜ୍ୱଳ ଜୈନ କହିଛନ୍ତି, "ବଜାରରେ ଅଂଶଗ୍ରହଣକାରୀଙ୍କ ପାଇଁ ବ୍ରୋକିଂ ଅଭିଜ୍ଞତାକୁ ଉନ୍ନତ କରିବା ସହିତ ବୌଦ୍ଧିକ ଭିତିଭୂମି ପ୍ରଦାନ କରି ସେମାନଙ୍କୁ ସୁଚିନ୍ତିତ ନିଷ୍ପତି ନେବାକୁ ସଶକ୍ତ କରିବା ପାଇଁ ଶେୟାର.ମାର୍କେଟ କ୍ରମାଗତ ଭାବରେ ଉଦ୍ୟମ କରୁଛି। ଶୀଟ୍ସ ହେଉଛି ଡିସ୍କାଉଂଟ ବ୍ରୋକିଂ ଇକୋସିଷ୍ଟମରେ ଏପରି ଏକ ଟୁଲ ଯାହା କୌଣସି ମାନବିକ ହସ୍ତକ୍ଷେପର ଆବଶ୍ୟକତା ବିନା ଏକାଧିକ ଷ୍ଟକ ଉପରେ ନଜର ରଖିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ପରିଣତ କରିବ। ଏହା ବ୍ୟବସାୟୀମାନଙ୍କୁ ଶୀଘ୍ର ବିନିଯୋଗ ରଣନୀତି ପ୍ରସ୍ତୁତ କରିବା ଏବଂ ତ୍ରୁଟିର ବିପଦକୁ ହ୍ରାସ କରିବାକୁ ସୁଯୋଗ ଦେବ। ଏହି ଟୁଲଗୁଡ଼ିକ ବଜାର ସଙ୍କେତ, ଟ୍ରେଣ୍ଡ, ଏବଂ ଗତିର ପରିବର୍ତନକୁ ସଠିକ ଭାବରେ ଚିହ୍ନଟକୁ ସକ୍ଷମ କରିଥାଏ। ଏହି ଶକ୍ତିଶାଳୀ ନୂତନ ବୈଶିଷ୍ଟ୍ୟଗୁଡ଼ିକ ମାଧ୍ୟମରେ ଶେୟାର.ମାର୍କେଟ ବ୍ୟବସାୟୀ ଏବଂ ନିବେଶକମାନଙ୍କୁ ସେମାନଙ୍କର ରଣନୀତିକୁ ପ୍ରଭାବଶାଳୀ କରିବାରେ ସାହାଯ୍ୟ କରୁଛି ଯାହା ସେମାନଙ୍କୁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବିଷୟ- ବଜାର ସମ୍ବନ୍ଧରେ ଏକ ସନ୍ତୁଳିତ ତଥା ସୁଚିନ୍ତିତ ନିଷ୍ପତି ନେବା ଉପରେ ଧ୍ୟାନ ଦେବାକୁ ସୁଯୋଗ ଦେଇଥାଏ।"

# ଡଲାର ପ୍ରୋଟେକ୍ଟ ପକ୍ଷରୁ ପୁରୁଷ ଓ ମହିଳାଙ୍କ ପାଇଁ ଶୀତ ପୋଷାକ 'ୱିଣ୍ଡଗାର୍ଡ'ର ଶୁଭାରମ୍ଭ

ଭୁବନେଶ୍ୱର,୨୯।୧୧ : ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ, ଭାରତର ହୋସେଆରୀ ଏବଂ ପୋଷାକ ଶିଳ୍ପରେ ଏକ ଅଗ୍ରଣୀ ନାମ। ଏହା ଡଲାର ପ୍ରୋଟେକ୍ଟ ବ୍ରାଣ୍ଡ ଅନ୍ତର୍ଗତ ୱିଣ୍ଡଗାର୍ଡ ରେଞ୍ଜର ଶୁଭାରମ୍ଭ ସହିତ ଉତ୍ପାଦ ପରିସରକୁ ବିସ୍ତାର କରିଛି। ୱିଣ୍ଡଗାର୍ଡ କଲେକସନରେ ଶୀତ ବସ୍ତ୍ରର ଏକ ବହୁମୁଖୀ ପରିସର ରହିଛି ଯାହା ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଡିଜାଇନ ହୋଇଛି। ଏହା ଶୀତଳ ପବନ ଏବଂ ହାଲୁକା ଶୀତରୁ ଉନ୍ନତ ସୁରକ୍ଷା ପ୍ରଦାନ କରିଥାଏ।

ୱିଣ୍ଡଗାର୍ଡ କଲେକସନରେ କ୍ରସ ଟିପୁ, ବଟର ଏନଏସ, ମାଇକ୍ରୋ ପା, ମାଇକ୍ରୋ ଟିପୁ, ସାଣ୍ଡୱିଚ ଇତ୍ୟାଦି ସାମଗ୍ରୀ ବ୍ୟବହାର କରି ପ୍ରସ୍ତୁତ ହୋଇଛି ଯାହା ଏକ ସ୍ଥିର ଏବଂ ଆଧୁନିକତା ବଜାୟ ରଖିବା ସହିତ ସ୍ଥାୟୀତ୍ୱ, ନମନୀୟତା ଏବଂ ସର୍ବୋଚ୍ଚ ତାପ ନିୟନ୍ତ୍ରଣକୁ ସୁନିଶ୍ଚିତ କରିଥାଏ।



ଏହି ଅବସରରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଲେ, ଆମେ ସବୁବେଳେ ଆମର ଗ୍ରାହକଙ୍କୁ ଉପଯୁକ୍ତ କାର୍ଯ୍ୟକ୍ଷମ ତଥା ଫେଶନ ଉପଯୋଗୀ ଉତ୍ପାଦ ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଶୀତ ଯେତିକି ପାଖେଇ ଆସୁଛି, ବାହ୍ୟ ପୋଷାକ ପାଇଁ ଚାହିଦା ବଢୁଛି ଯାହା କେବଳ ଆରାମଦାୟକ ଏବଂ ଉଷ୍ମତାଯୁକ୍ତ ନୁହେଁ ବରଂ ଷ୍ଟାଇଲିସ ମଧ୍ୟ। ଆମର ୱିଣ୍ଡଗାର୍ଡ କଲେକସନ ଶୀତ ଏବଂ ପବନରୁ ଉଚ୍ଚ-ଗୁଣାତ୍ମକ, ସର୍ବ-ପାଣିପାଗ ସୁରକ୍ଷା ପ୍ରଦାନ କରିବା ସହିତ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଅନ-ଟ୍ରେଣ୍ଡ ଲୁକ୍ ସୁନିଶ୍ଚିତ କରିଥାଏ। ଡଲାରରେ ପ୍ରିମିୟମ ଏବଂ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଣ ଉପରେ ଧ୍ୟାନ ଦେଇଥାଏ। ଏହି କଲେକସନ ସେହି ପ୍ରତିବଦ୍ଧତାର ଏକ ଉତ୍କୃଷ୍ଟ ଉଦାହରଣ।

ୱିଣ୍ଡଗାର୍ଡ କଲେକସନ ମାସରେ ସକ୍ରିୟ ବ୍ୟକ୍ତିବିଶେଷଙ୍କ ଆବଶ୍ୟକତା ପୂରଣ ପାଇଁ ଡିଜାଇନ କରାଯାଇଛି। ଏହା ବାହ୍ୟ ବ୍ୟାୟାମ, ଶୀତକାଳୀନ ଯାତ୍ରା, କିମ୍ବା ଦୈନନ୍ଦିନ ଯାତାୟାତ ପାଇଁ ଉଦ୍ଦିଷ୍ଟ। ଏହି ୱିଣ୍ଡଚିଟରଗୁଡ଼ିକ ହାଲୁକା ଉଷ୍ମତା, ଜଳ ପ୍ରତିରୋଧ ଏବଂ ପବନରୁ ସୁରକ୍ଷା ଯୋଗାଇଥାଏ। କଲେକସନରେ ଆଧୁନିକ, କାର୍ଯ୍ୟକ୍ଷମ ଡିଜାଇନ ବୈଶିଷ୍ଟ୍ୟ ଅଛି। ୱିଣ୍ଡଗାର୍ଡ କଲେକସନ ୬୯୯ ଟଙ୍କା ମୂଲ୍ୟରେ ଉପଲବ୍ଧ ଏବଂ ଏହା ବର୍ତମାନ ଭାରତର ସିଲେକ୍ଟ ରିଟେଲ ଆଉଟଲେଟ୍‌ରେ, କମ୍ପାନୀର ଅଫିସିଆଲ୍ ଇ-କମର୍ସ ପ୍ଲାଟଫର୍ମରେ ଏବଂ ଅନ୍ୟାନ୍ୟ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ।

# ଜେଏସ୍‌ଡବ୍ଲୁ ୱାନ୍ କଙ୍କ୍ରିଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୯।୧୧ : ଜେଏସ୍‌ଡବ୍ଲୁ ଗ୍ରୁପ୍‌ର ବି୨ବି ଇ-କମର୍ସ ସଂସ୍ଥା ଜେଏସ୍‌ଡବ୍ଲୁ ୱାନ୍ ପ୍ଲାଟଫର୍ମସ ପକ୍ଷରୁ ନିର୍ମାଣ କ୍ଷେତ୍ରର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ଲାଗି ଏକ ରେଡି-ମିକ୍ସ କଙ୍କ୍ରିଟ୍ ସମାଧାନ ଜେଏସଡବ୍ଲୁ ୱାନ୍ କଙ୍କ୍ରିଟ୍‌ର ଶୁଭାରମ୍ଭ କରାଯାଇଛି। ଏହା ଜେଏସ୍‌ଡବ୍ଲୁ ୱାନ୍‌ର ପ୍ରାଇଭେଟ୍ ବ୍ରାଣ୍ଡ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି ଏବଂ ଗୁଣବତା, ସ୍ଥିରତା ଭଳି ଆହ୍ୱାନର ମୁକାବିଲା କରିବା ଏବଂ ନିର୍ମାଣ ସାମଗ୍ରୀରେ ପାରଦର୍ଶିତା ପ୍ରଦାନ କରିବା ଉପରେ ତାହା ଆଲୋକପାତ କରୁଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ ମୁମ୍ବାଇ ମେଟ୍ରୋପଲିଟାନ ଅଂଚଳରେ ଶୁଭାରମ୍ଭ କରାଯିବା ପରେ ଜେଏସ୍‌ଡବ୍ଲୁ ୱାନ୍ କଙ୍କ୍ରିଟ୍‌କୁ ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ଶ୍ରେଷ୍ଠ ୨୦ ରେଡି-ମିକ୍ସ କଙ୍କ୍ରିଟ୍-ଯୋଗାଣ ବଜାରକୁ ସମ୍ପ୍ରସାରଣ କରିବାର ଲକ୍ଷ୍ୟ ରହିଛି। ଏହି ବଜାରଗୁଡ଼ିକ ଭାରତର




ମୋଟ ଆରଏମସି ବଜାର ପ୍ରତି ୫୦ ପ୍ରତିଶତ ଯୋଗଦାନ ଦେଉଛନ୍ତି। ଠିକାଦାର, ଡେଭେଲପର, ସ୍ଥପତି, ଷ୍ଟ୍ରକଚରାଲ ଇଞ୍ଜିନିୟର ଓ ପ୍ରକଳ୍ପ ପରିଚାଳନା କନସଲଟାଂଟ୍‌ଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ଉତ୍ପାଦକୁ ସାରା ଦେଶରେ ପର୍ଯ୍ୟାୟକ୍ରମେ ଶୁଭାରମ୍ଭ କରିବା ଯୋଜନା ରହିଛି। ଏ ସମ୍ପର୍କରେ ଜେଏସଡବ୍ଲୁ ୱାନ୍ ପ୍ଲାଟଫର୍ମସ୍‌ର ସିଇଓ ଗୌରବ ସଚ୍ଚଦେବା କହିଛନ୍ତି ଯେ, "ଭାରତର ବର୍ଦ୍ଧିତ ନିର୍ମାଣ ଶିଳ୍ପ, ସହରାଂଚଳରେ ସମ୍ପ୍ରସାରଣ ଓ ଜାରି ରହିଥିବା ଭିତିଭୂମି ପ୍ରକଳ୍ପ ଓ ସରକାରଙ୍କ ଅଭିଯାନ ପାଇଁ ଭାରତରେ କଙ୍କ୍ରିଟ୍‌ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭାରତୀୟ ବି୨ବି ଶିଳ୍ପରେ ଆମର ବର୍ଦ୍ଧିତ ବ୍ୟାପକତା ଏବଂ ଗୁଣବତା, ଭରସାଯୋଗ୍ୟ ଓ ବାସ୍ତବ ସମୟରେ ଉତ୍ପାଦ ପ୍ରଦାନ କରିବାରେ ଆମ ରହିଥିବା ବିଶେଷତାକୁ ନେଇ ଜେଏସଡବ୍ଲୁ ୱାନ କଙ୍କ୍ରିଟ୍ ଆମର ପୁରୁଣା ଉତ୍ପାଦକୁ ସମର୍ଥନ କରୁଥିବା ବେଳେ ଶିଳ୍ପ ଓ ନିର୍ମାଣ ଉପକରଣ ପାଇଁ ଏକ ବ୍ୟାପକ ମୂଲ୍ୟ ଦ୍ୱାରା ପରିଚାଳିତ ପ୍ଲାଟଫର୍ମ ଗଠନ କରିବାରେ ଆମର ରହିଥିବା ଲକ୍ଷ୍ୟକୁ ସମର୍ଥନ କରୁଛି।" ଗୁଣାତ୍ମକ ମାନ ଓ ସଠିକ୍ ସମୟରେ ସମ୍ପୂର୍ଣ୍ଣ ସେବା ପ୍ରଦାନ ପ୍ରତିଶ୍ରୁତି ଉପରେ ଗଠନ କରାଯାଇଥିବା ଜେଏସଡବ୍ଲୁ ୱାନ କଙ୍କ୍ରିଟ ବିଲଡର ଓ ଠିକାଦାରମାନେ ନିଜ ମାନକ ସହ ସାଲିସ ନ କରି ସଠିକ ସମୟରେ ପ୍ରକଳ୍ପ ପୂରଣ କରିବାରେ ସାହାଯ୍ୟ କରିବାକୁ ସୁନିଶ୍ଚିତ କରୁଛି। ସିମେଂଟ, ଜିଜିବିଏକ୍ସ ଓ କେମିକାଲ ଆଡିମିକ୍ସଚର ସହ ଜେଏସଡବ୍ଲୁ ଗ୍ରୁପର ନିଜସ୍ୱ ଦକ୍ଷତାକୁ ନେଇ କମ୍ପାନି ଭରସାଯୋଗ୍ୟତା ଓ ସ୍ଥିରତା ସୁନିଶ୍ଚିତ କରୁଥିବା ବେଳେ ଶିଳ୍ପକୁ ପ୍ରଭାବିତ କରୁଥିବା ବିଶ୍ୱାସ ସମସ୍ୟାର ମଧ୍ୟ ମୁକାବିଲା କରୁଛି।

# ଲୋକଙ୍କୁ ଅଧିକ ଭ୍ରମିତ କରୁଛି ରିଅଲ ଇଷ୍ଟେଟ ଏବଂ ଅଫଶୋର ବେଟିଙ୍ଗ ବିଜ୍ଞାପନ

ଭୁବନେଶ୍ୱର : ଦି ଆଡଭଟାଇଜିଙ୍ଗ ଷ୍ଟାଣ୍ଡାର୍ଡ କାଉନସିଲ ଅଫ ଇଣ୍ଡିଆ (ଏଏସସିଆଇ) ଏହାର ଅର୍ଦ୍ଧ-ବାର୍ଷିକ ଅଭିଯୋଗ-ରିପୋର୍ଟ ୨୦୨୪-୨୫ର ଉନ୍ମୋଚନ କରିଛି ଯେଉଁଥିରେ ରିଅଲ ଇଷ୍ଟେଟ ଏବଂ ଅଫଶୋର ବେଟିଙ୍ଗ ବିଜ୍ଞାପନ ଗୁଡ଼ିକରେ ରହିଥିବା ବିଭ୍ରାନ୍ତିକର ଏବଂ ବେଆଇନ ବିଜ୍ଞାପନର ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ଜଣାପଡ଼ିଛି। ଅପ୍ରେଲରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଏଏସସିଆଇ ୪୦୧୬ଟି ଅଭିଯୋଗର ରିଭ୍ୟୁ କରିବା ସହିତ ୩୦୩୧ଟି ବିଜ୍ଞାପନର ତଦନ୍ତ କରିଛି ଯାହା ମଧ୍ୟରେ ୯୮ ପ୍ରତିଶତରୁ ଅଧିକ ବିଜ୍ଞାପନ ଗୁଡ଼ିକରେ କିଛି ପରିବ???ନର ଆବଶ୍ୟକତା ରହିଛି। ବିଦ୍ୟମାନ ଡ଼ିଜିଟାଲ ପ୍ଲାଟଫର୍ମ ଉପରେ ନିଜର ତୀକ୍ଷ୍ଣ ନଜର ଜାରି ରଖିଥିବା ବେଳେ ସମୁଦାୟ ୨୮୩୦ଟି ବିଜ୍ଞାପନର ପ୍ରକ୍ରିୟାକରଣ ହୋଇଛି । ବିଜ୍ଞାପନର ତଦନ୍ତ ମଧ୍ୟରୁ ୨୦୮୭ଟି ବିଜ୍ଞାପନ ନିୟମ ଉଲ୍ଲଂଘନ କରୁଛନ୍ତି। ଏଥିମଧ୍ୟରୁ ୧୦୨୭ଟି ମାମଲା ମହାରାଷ୍ଟ୍ର ରିଅଲ ଇଷ୍ଟେଟ ନିୟାମକ ପ୍ରାଧିକରଣ (ମହାରେରା) ଅଧୀନରେ ଏଏସସିଆଇ ଏବଂ ମହରେରା ମଧ୍ୟରେ ଏକ ମିଳିତ ବୁଝାମଣାପତ୍ର ମାଧ୍ୟମରେ ରୁଜୁ କରାଯାଇଛି। ପୁନଶ୍ଚ ୮୯୦ଟି ବିଜ୍ଞାପନ ଯାହାକି ସୂଚ଼ନା ଏବଂ ପ୍ରସାରଣ ମନ୍ତ୍ରଣାଳୟ (ଏମଆଇବି) ତରଫରୁ ବେଆଇନ ବେଟିଙ୍ଗକୁ ପ୍ରୋତ୍ସାହନ ବିରୁଦ୍ଧରେ ରୁଜୁ କରାଯାଇଛି, ୧୫୬ଟି ମାମଲାକୁ ଆୟୁଷ ମନ୍ତ୍ରଣାଳୟ ତରଫରୁ ଡ୍ରଗ୍ସ ଏବଂ ମ୍ୟାଜିକ୍ ପ୍ରତିକାର (ଡ଼ିଏମଆର) ଧାରା ଉଲ୍ଲଂଘନ ବାବଦରେ ନିଆଯାଇଛି, ୧୦ଟି ବିଜ୍ଞାପନ ମାମଲା ସିଧାସଳଖ ଭାବରେ ମଦ ପଚାର ପାଇଁ ଉଦ୍ଦିଷ୍ଟ ଥିବା ବେଳେ ୪ଟି ଅନ୍ୟାନ୍ୟ ବିଜ୍ଞାପନ ଡ଼ିପଫେକ୍ ସମ୍ବନ୍ଧରେ ସୂଚ଼ନା ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ରୁଜୁ କରାଯାଇଛି।

ଏହା ସମ୍ପର୍କରେ ମନୀଷା କପୁର, ସିଇଓ ଅଫ ଏଏସସିଆଇ ମନ୍ତବ୍ୟ ପ୍ରକାଶ କରି କହିଛନ୍ତି, "ସରକାରୀ ନିୟନ୍ତ୍ରଣ ସହିତ ଆମର ଏହି କାର୍ଯ୍ୟର ସହଭାଗିତା ସେହି କ୍ଷେତ୍ରରେ ଅଧିକ ପ୍ରଭାବ ସୃଷ୍ଟି କରିଛି ଯାହା ମଧ୍ୟରେ ରହିଛି ବେଟିଙ୍ଗ ଏବଂ ରିଅଲ ଇଷ୍ଟେଟ କ୍ଷେତ୍ର। ଏଥିପାଇଁ ଆଗକୁ ଏକ ପ୍ରସସ୍ଥ ଯାତ୍ରା ରହିଥିବାରୁ ଆମର ଏହି ସହଭାଗିତା ଆହୁରି ଅଧିକ ତଦାରଖ ପାଇଁ ଏକ ପ୍ରରଣା ସୃଷ୍ଟି କରିବ ବୋଲି ଆଶା ରହିଛି।

## ଆଳୁ ବିହନ ଯୋଗାଣ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସମୀକ୍ଷା

# ଆଗାମୀ ଦିନରେ ଆଳୁଚାଷରେ ଆତ୍ମନିର୍ଭର ହେବ ଓଡ଼ିଶା

ଭୁବନେଶ୍ୱର, ୨୯।୧୧ (ନି.ପ୍ର) : ଆଜି କୃଷି ଭବନସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆଳୁ ବିହନ ଯୋଗାଣ ନେଇ ସମୀକ୍ଷା କରିଛନ୍ତି । ରବି ଆଳୁଚାଷ ସଂପର୍କିତ ଆଲୋଚନା ନିମନ୍ତେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଆଳୁଚାଷରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ରବି ଆଳୁ ଚାଷକୁ ଦୃଷ୍ଟିରେ ରଖି ସରକାର ଅକ୍ଟୋବର-ନଭେମ୍ବର ମାସରୁ ହିଁ ବିହନ ଯୋଗାଇ ଦେଇଛନ୍ତି । ପ୍ରଥମଥର ଲାଗି ୧୫,୦୨୩ ହେକ୍ଟରରେ ଆଳୁଚାଷ ହେଉଛି । ଏଯାବ୍ ୧ ଲକ୍ଷ ୨ ହଜାର ୯୬୪ କ୍ୱିଣ୍ଟାଲର ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଅଦ୍ୟାବଧି ୫୬୪୯ ହେକ୍ଟର ଜମିରେ ଆଳୁ ବିହନ ଲାଗିସାରିଛି ।

ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆଭାସି ମାଧ୍ୟମରେ ଯୋଗଦେଇଥିବା ସମସ୍ତ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କଠାରୁ ଆବଶ୍ୟକ ପରିମାଣର ଆଳୁ ବିହନ ଯୋଗାଣ ବାବଦରେ ଅବଗତ ହୋଇଥିଲେ । ଚାଷୀମାନେ ପ୍ରାମାଣିକ ଆଳୁ ବିହନ କିଲୋଗ୍ରାମ ପିଛା ୨୦ ଟଙ୍କାରେ କ୍ରୟ କରିବେ ଏବଂ ବିହନ



ଲଗାଇବା ପରେ କିଲୋଗ୍ରାମ ପିଛା ୧୦ଟଙ୍କା ନିଜ ଆକାଉଣ୍ଟ କୁ ଫେରସ୍ତ ପାଇବେ । ଏହି ପ୍ରକ୍ରିୟାରେ କୌଣସି ପ୍ରକାର ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସଂପୂର୍ଣ୍ଣ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅଧିକାରୀମାନେ ଯତ୍ନବାନ ହେବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ବିହନ ଯୋଗାଣ ନିମନ୍ତେ କେବଳ ଏନ୍‌ଏସ୍ସି ଅନୁବନ୍ଧିତ ଫାର୍ମ ହିଁ ଆଳୁ ବିହନ ଯୋଗାଉଛନ୍ତି । ଆଜି ସୁଦ୍ଧା ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଏ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇସାରିଛି ଏବଂ ୩୪୭୦ଗୋଟି ସଚେତନତା ବୈଠକ କରାଯାଇ ଆଳୁଚାଷର ପ୍ରଣାଳୀ ବିଷୟରେ ଅବଗତ କରାଯାଇଛି । ରାଜ୍ୟରେ ୩୦୫୮ଟି କ୍ଲଷ୍ଟର ବଛାଯାଇଛି ଯେଉଁଥିରେ ପ୍ରମୁଖ ଭାବେ ଆଳୁଚାଷ କରାଯିବ ଏବଂ ଏଥି ପାଇଁ ୯୫,୮୪୧ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି ।

ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ, ଓଡ଼ିଶା ବିହନ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା କୃଷି ଓ ଉଦ୍ୟାନ କୃଷି ଅଧିକାରୀ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

# ରେକ୍ସ ପରିଚାଳନାରେ ଧାମରା ପୋର୍ଟର ନୂତନ ରେକର୍ଡ

ଧାମରା, ୨୯।୧୧: ରେକ୍ସ ପରିଚାଳନାରେ ଧାମରା ପୋର୍ଟ ନୂତନ ରେକର୍ଡ ସ୍ଥାପନ କରିଛି । ଗୋଟିଏ ଦିନ ମଧ୍ୟରେ ୩୫ ରେକ୍ସ ପରିଚାଳନା କରି ଜାନୁୟାରୀ ମାସର ରେକର୍ଡ ଭାଙ୍ଗିଛି ।



ଏହି ୩୫ ରେକ୍ସ ମଧ୍ୟରେ ୨୧ ଲୋଡେଡ୍ ରେକ୍ସ, ୧ ବିସିଏନ୍, ୧୩ ଅନ୍‌ଲୋଡିଂ ରେକ୍ସ ରହିଛି । ଇଞ୍ଜିନିୟରିଂ ଟିମ୍, ପୋର୍ଟ ରେଲ୍‌ୱେ ଟିମ୍, ଅପରେସନ ଟିମ୍‌ର କଠିନ ପରିଶ୍ରମ, ଉତ୍ସର୍ଗୀକୃତ ମନୋଭାବ ଏବଂ ନିରନ୍ତର ସମନ୍ୱୟ ଯୋଗୁ ଧାମରା ପୋର୍ଟ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ନିରନ୍ତର ଭାବେ ଆଦାନୀ ଧାମରା ପୋର୍ଟ ସଫଳତାର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିବାରେ ଲାଗିଛି । ଧାମରା ପୋର୍ଟର କର୍ମଚାରୀମାନେ ହିଁ ଏହି ସଫଳତାର ସମସ୍ତ ଶ୍ରେୟର ପାତ୍ର ଅଟନ୍ତି । ପୋର୍ଟର ସମସ୍ତ ହିତାଧିକାରୀ ତଥା ପ୍ରଶାସନିକ ଅଧିକାରୀଙ୍କ ସହଯୋଗ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୁହାଯାଇଛି ।



# ନୌସେନା ଦିବସ ପାଇଁ ପ୍ରସ୍ତୁତି ଜୋରଦାର

ପୁରୀ,୨୯।୧୧ (ନି.ପ୍ର) : ଡିସେମ୍ବର ୪ ତାରିଖରେ ପୁରୀ ଫ୍ଲାଗ ବିଚ ଠାରେ ଅନୁଷ୍ଠିତ ହେବ ନୌସେନା ଦିବସ । ଏଥି ପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଏହି କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତିଙ୍କ ଯୋଗଦାନ ଥିବାରୁ ସମସ୍ତ କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ ହେବ ସେଥିପାଇଁ ସମସ୍ତ ବିଭାଗ ଉ ରଦାୟୀ ଭାବେ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ନିର୍ଦ୍ଦେଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ନୌସେନା ଦିବସ ପାଳନ ନିମିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଶ୍ରୀ ଯାଦବ ନୌସେନା ଦିବସ ପାଳନ ସହ ମହାମହୀମ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯେଉଁ ବିଭାଗକୁ ଦାୟିତ୍ୱ ଦିଆଯାଉଛି ତାହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଇଥିଲେ । କୌଣସି ବିଭାଗର କିଛି ସମସ୍ୟା ରହୁଥିଲେ ତାହା ତୁରନ୍ତ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ ।

ବ୍ୟାରିକେଡ ନିର୍ମାଣ, ରାସ୍ତା ଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା, ବିଚ ସ୍ୱଚ୍ଛ ରଖିବାକୁ ଅଧିକ ମାନବ ସମ୍ବଳ ଉପଯୋଗ ବ୍ୟବସ୍ଥା,ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା ସହ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା କରିବାକୁ ଶ୍ରୀ ଯାଦବ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପାର୍କିଂ ସ୍ଥଳ ମାନଙ୍କରେ ଆସ୍କା ଲାଇଟର ବ୍ୟବସ୍ଥା କରିବାକୁ ଅଗ୍ନି ଶମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଡିଏଫଓ ବିବେକ କୁମାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ନୌସେନାର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବର୍ଷାରେ ଭିଜୁଛି ପାଚିଲା ଧାନ, ଚିନ୍ତାରେ ଚାଷୀ



ଖଣ୍ଡପଡା,୨୯।୧୧(ନି.ପ୍ର) ଅଦିନିଆ ବର୍ଷା ଯୋଗୁଁ ଖଣ୍ଡପଡା ବ୍ଲକ ଅଂଚଳର ହେକ୍ଟର ହେକ୍ଟର ଚାଷ ଜମିରେ ପାଚିଲା ଧାନ ଗଛ ଗୁଡିକ ବର୍ଷାରେ ଭିଜୁଛି । କିଛି ଅଂଚଳରେ ଧାନଗଛ କଟା ଯାଇ ବିଲରେ ପଡିଛି । ଶୁକ୍ରବାର ଦିନ ତମାମ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଛି । ବର୍ଷାର ପ୍ରଭାବରେ ପାଚିଲା ଧାନ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଅଦିନିଆ ବର୍ଷା ଦାଉ ସାଧୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ରାଇଘର ବ୍ଲକରୁ ୬ ଜଣ ବାଳିକା

ରାଇଘର ,୨୯।୧୧ (ନି.ପ୍ର) : ନବରଙ୍ଗପୁର ଜିଲ୍ଲା କ୍ରିକେଟ ଟିମରେ ଖେଳିବେ ରାଇଘର ବ୍ଲକର ୬ ଜଣ ବାଳିକା । ଗତ ୨୧ ତାରିଖ ରେ ପାପଡାହାଣ୍ଡି ଠାରେ ୧୭ ବର୍ଷ ରୁ କମ ବୟସ ବାଳିକା କ୍ରିକେଟ ଟିମ ଚୟନ କରାଯାଇଛି, ସେଥିରୁ ରାଇଘର ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ନୁଆପାରାରୁ ୫ ଜଣ ଜାନକୀ ଯାନୀ, ସୁପର୍ଣ୍ଣା ଗଣ୍ଡ, ବିନା ଗଣ୍ଡ, ସସ୍ମିତା ଯାନୀ, ମାଧୁରୀ ଗଣ୍ଡ,ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଯୋଡିଙ୍ଗା ରୁ ୧ ଦୀପିକା ଗଣ୍ଡ,ଚୟନ ହୋଇଛନ୍ତି । ସେମାନେ ୨ ଡିସେମ୍ବର ରେ ବାରିପଦା (ମୟୁରଭଞ୍ଜ)ଠାରେ ଅନୁଷ୍ଠିତ ହେଉଥିବା ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯଗୀତାରେ ଭାଗ ନେବେ, ସେମାନେ ୧ ଡିସେମ୍ବରରେ ନବରଙ୍ଗପୁରରୁ ବାହାରିବେ । ସୂଚନା ଅନୁଯାଇ ନବରଙ୍ଗପୁର ଜିଲ୍ଲା ବାଳିକା କ୍ରିକେଟ ଟିମ କହିଲେ ପ୍ରଥମ କରି ରାଜ୍ୟ ସ୍ତରୀୟ ଖେଳିବାକୁ ଯାଉଛି । ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ବହୁତ ଖୁସି ଅନୁଭବ କରି କହିଛନ୍ତି, ଭଲ ପ୍ରଦର୍ଶନ କରିବେ ବଲି ଆଶା ରଖିଛନ୍ତି । ବିଗତ ୧୨/୧୧ ରେ ଜଣେ ଛାତ୍ର ସରକାରୀ ଉଚ୍ଚବିଦ୍ୟାଳୟ ନୂଆପାରା ରୁ ଏଥଲେଟିକ ଖେଳିବାର ସୁଯଗ ପାଇ କେନ୍ଦୁଝର ଜିଲ୍ଲାରେ ଖେଳିଥିଲେ । ଖୁସିର କଥା ତାକୁ ଏବେ କ୍ରୀଡା ହଷ୍ଟେଲ ରେ ରହି ଖେଳିବାର ସୁଯଗ ମିଳିଛି । ସୂଚନା ଥାଉକି,ବାଳିକା ମାନେ ପ୍ରଥମ ଥର ପାଇଁ ଡ୍ରିୟୁଜ ବଲରେ ଖେଳିବେ, ସେଥିପାଇଁ ୨ ମାସ ହେଲା ଡ୍ରିୟୁଜ ବଲରେ ବାଳିକାଙ୍କୁ ଅଭ୍ୟାସ କରାଉଛନ୍ତି ବୋଲି ତାଙ୍କ କ୍ରୀଡା ଶିକ୍ଷକ ମନଜ କୁମାର ବାଘ କହିଛନ୍ତି ।



# ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି

ବାରିପଦା,୨୯।୧୧ : ଆସନ୍ତା ଡିସେମ୍ବର ୬ ତାରିଖ ଦିନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଗସ୍ତରେ ଆସି ବହୁ ପ୍ରତିକ୍ଷିତ ଜିଲ୍ଲାରେ ତିନୋଟି ନୂତନ ରେଳ ପ୍ରକଳ୍ପର ଭିଁ ପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛିୟ ମହାମହିମଙ୍କ ଆସିବା ଏବଂ ତତ-ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ଏବଂ ସଂଚାଳନ ପାଇଁ ଜିଲ୍ଲା ପ୍ରଶାସନ ଖୁବ ତତ୍ପରତା ସହିତ କାର୍ଯ୍ୟକରିବା ଆରମ୍ଭ କରିଛି । ଗତ ସପ୍ତାହରେ ମୁଖ୍ୟ ପ୍ରଶାସକ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ, ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏଥିନିମନ୍ତେ ଏକ କାର୍ଯ୍ୟକାରିଣୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।



ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ପାଇଁ ମହାମହିମ ରାଷ୍ଟପତିଙ୍କ ୨ ଦିନିଆ ଗସ୍ତ ଥିବା ବେଳେ ୬ ତାରିଖରେ ସେ ରାଇରଙ୍ଗପୁର ଏବଂ ୭ ତାରିଖରେ ବାଙ୍ଗିରିପୋଷି ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି, ରାଷ୍ଟ୍ରପତି ଭବନରୁ ନିର୍ଦ୍ଧରିତ ହୋଇଛି । ମହାମହିମଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ମହାମାନ୍ୟ ରାଜ୍ୟପାଳ, ଓଡିଶା ରଘୁବର ଦାସ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଗଣ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀଗଣ, ମାନ୍ୟବର ବିଧାୟକ ଓ ସମ୍ମାନନୀୟ ଅତିଥି ବୃନ୍ଦ ମଧ ଯୋଗ ଦେବାର ସୂଚନା ପ୍ରାପ୍ତ ହୋଇଛି । ଏହି ପରିପ୍ରେକ୍ଷୀରେ, ଭାରତର ପ୍ରଥମ ନାଗରିକ ମହାମହିମଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ, ସଭାକାର୍ଯ୍ୟ ପାଇଁ ମଂଚ ପରିଚାଳନା, କାର୍ଯ୍ୟକ୍ରମ ପ୍ରସାରଣ ଓ ଲୋକସମ୍ପର୍କ ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି । ସୂଚନାନୁସାରେ, ୬ ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ । ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହିଁ ଏସ୍ଏଲ୍ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ । ଏଥିସହିତ ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ । ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ । ଏହାପରେ ରାଷ୍ଟ୍ରପତି ୭ ତାରିଖ ଦିନ ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୧୦ଟା ରେ ପହିଁ ତିନୋଟି ନୂତନ ରେଳପଥ ବାଙ୍ଗରିପୋଷି-ଗୋରୁମହିଷାଣୀ, ବୁଢାମରା-ଚକୁଳିଆ । ଓ ବାଦାମ ପାହାଡ-କେନ୍ଦୁଝରଗଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ପୋଲିସ ଅଧିକାରୀ ମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷା ୟସ୍ଥାକୁ କଡାକଡି କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେହିଦିନ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଶାନ୍ତନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ଏବଂ ବାମନଘାଟି ଓ ବାରିପଦା ଉପଖଣ୍ଡର ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ଓ ମହାମହୀମଙ୍କ ଗସ୍ତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ନିଜ ମତ ପୋଷଣ କରିଥିଲେ ।

# ୪୮ ଘଣ୍ଟା ମଧ୍ୟରେ ଚାଷୀ ପାଇବେ ଏମ୍.ଏସ୍.ପି ସହାୟତା ରାଶି

ଭୁବନେଶ୍ୱର,୨୯/୧୧: ଚଳିତ ଖରିଫ ଋତୁରେ ସମଗ୍ର ରାଜ୍ୟରେ ଧାନକିଣା ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି । ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉ କୁ ସର୍ବନିମ୍ନ ସହାୟତା ମୂଲ୍ୟ ପାଇପାରୁଛନ୍ତି । ଏଥି ନିମନ୍ତେ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚାଷୀମାନଙ୍କ ଆକାଉ କୁ ପ୍ରତ୍ୟକ୍ଷ ଭାବେ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନେ ଦିନରାତି ୨୪ ଘ ଆ ଭିରେ କାର୍ଯ୍ୟକରି ଚାଷୀମାନଙ୍କ ହିତରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । କୌଣସି ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ଯୋଗାଣ ବିଭାଗ ପକ୍ଷରୁ ଏଥି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଏହି ଅଧିକାରୀମାନେ ଚାଷୀମାନଙ୍କ ହିତକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରିବା ସହ ସେମାନଙ୍କ ପ୍ରାପ୍ୟ ପାଇବାକୁ କାର୍ଯ୍ୟ କରୁଛନ୍ତି ।

ସୂଚନାଯୋଗ୍ୟ, ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରାରମ୍ଭିକ ଭାବେ ମ୍ୟାପିଂ କରାଯିବା ସହ ଶତପ୍ରତିଶତ ଭାବେ ଯାଞ୍ଚକରାଯାଉଛି । ଏହାକୁ ବୈଷୟିକ ଉପଯୋଗୀ କରାଯାଇ ଡିଜିଟାଲ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ଏହି ପ୍ରାପ୍ୟ ପ୍ରଦାନ କରାଯାଉଛି । ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନିଆଯାଉଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଉପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି ।

## ଅଗ୍ନିକାଣ୍ଡରେ ଘର ସହିତ ପୋଡି ହୋଇ ବୃଦ୍ଧାଙ୍କ ମୃତ୍ୟୁ



ଖଣ୍ଡପଡା,୨୯।୧୧(ନି.ପ୍ର) ଖଣ୍ଡପଡା ବ୍ଲକ ଅଧିନ କିଆଝର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡର ପ୍ରଭାବରେ ଏକ ଚାଳଘର ସଂପୂର୍ଣ୍ଣ ରୁପେ ପୋଡି ଯାଇଥିବା ବେଳେ ଘର ମଧ୍ୟରେ ଶୋଇଥିବା ଅବସ୍ଥାରେ ହୀରା ନାଏକ(୭୫) ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଉକ୍ତ ମହିଳାଙ୍କର ମୃତ ଦେହ ଘର ମଧ୍ୟରୁ ଉଦ୍ଧାର କରାଯାଇଥିବା ବେଳେ ମହିଳାଙ୍କ ଶରୀର ସଂପୂର୍ଣ୍ଣ ରୁପେ ପୋଡି ଯାଇଥିବା ଜଣାପଡିଛି । ଗ୍ରାମବାସୀଙ୍କ ଠାରୁ ଖବରପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ । ଖବରପାଇ ଖଣ୍ଡପଡା ଥାନାଧିକାରୀ ନିହାର ରଂଜନ ମହାନ୍ତି ସଦଳବଳେ ଶୁକ୍ରବାର ଘଟଣାସ୍ଥଳରେ ପହଁଚି ମହିଳାଙ୍କ ମୃତ ଦେହକୁ ଜବତ କରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି । ଏ ସଂପର୍କରେ ଖଣ୍ଡପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଦିନକ ପରେ ମୟୂରଭଞ୍ଜ ମହୋତ୍ସବ, ଦୁଲୁକିବ ବାରିପଦା ସହର

ବାରିପଦା,୨୯।୧୧ (ନି.ପ୍ର) : ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ । ୭ମ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ । ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । ଶୁକ୍ରବାର ବାରିପଦା ଛଉ ପଡିଆ । ଠାରେ ମହୋତ୍ସବ ଆୟୋଜକ କମିଟି ଅଧକ୍ଷ ଅସିତ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ପ୍ରଥମ ଦିନ ରବିବାର ଅପରାହ୍ନ ୨ଟା ସମୟରେ ରଥ ପଡିଆଠାରୁ ପୂର୍ବବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ ବା ସାଂସ୍କୃତିକ ଶୋଭାଯାତ୍ରା । ଡିସେମ୍ବର ୨ ତାରିଖରୁ ଆସନ୍ତା ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଚଳିତ ବର୍ଷ ବାରୁଣେଶ୍ୱର ମହାଦେବ ମନ୍ଦିର ଆକୃତିର ତୋରଣ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ବଲିଉଡ୍ ସୁନାମଧନ୍ୟ କଣ୍ଠଶିଳ୍ପୀ କବିତା କୃଷ୍ଣମୂର୍ତ୍ତି ଉଦଯାପନୀ ସନ୍ଧ୍ୟା ୧୧ତାରିଖରେ ଧୁମ୍ ମଚାଇବେ । ସେହିପରି ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ । ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।



ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ପ୍ରାଧାନ୍ୟ ଦେଇ ଚଳିତ ବର୍ଷ ମଧ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି । ୩ ଦିନ ଓଡ଼ିଆ । କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ କରିବାକୁ ନିଷ୍ପତ୍ତି ହୋଇଛି । ୨ତାରିଖରେ କୁଲଦୀପ ଓ ଅନ୍ତରା ଚକ୍ରବର୍ତ୍ତି ମଞ୍ଚରେ ସଙ୍ଗୀତ ପରିବେଷଣ କରିବାକୁ ଥିବା ବେଳେ ୩ ତାରିଖରେ ପ୍ରସିଦ୍ଧ ଗାୟିକା ତଥା ସାରେଗାମା ବିଜେତା ଅଙ୍କିତା ଭଟ୍ଟାଚାର୍ଯ୍ୟ ଓ ଟିମ୍ୟ ସେହିଭଳି ୪ ତାରିଖରେ କୁଡୁମାଲି ଗାୟିକା ଲିପିନି ଓ ରଞ୍ଜିତ ମହାନ୍ତଙ୍କ ଗୀତରେ ଝୁମିବେ ଦର୍ଶକ । ୫ ତାରିଖରେ ଆଦିବାସୀ ସନ୍ଧ୍ୟାରେ ମଙ୍ଗଲ ହାଁସଦା ଓ ସାଥୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ । ୬ ତାରିଖରେ ପାମେଲା ଜୈନ, ଶଶାଙ୍କ ଶେଖର ଓ ସ୍ୱରାଜ ବାରିକ ମଞ୍ଚରେ ଧୁମ୍ ମଚାଇବାକୁ ଥିବା ବେଳେ ସ୍ୱତନ୍ତ୍ର ଆକର୍ଷଣ ରହିବ ଆସାମର ବିହୁ ଡାନ୍ସ । ୭ତାରିଖରେ ପୁଣି ଆଦିବାସୀ ଗୀତ ନେଇ ଆସିବେ ରାମ ମୁଣ୍ଡାରୀ ଓ ରଞ୍ଜିତ ସିଂ ଏବଂ ବାବଲୁ ଅଙ୍ଗରାଇ । ୮ ତାରିଖରେ ହାସ୍ୟ ଅଭିନେତା ପପୁ ପମପମଙ୍କ ସହ ଓଡ଼ିଆ । କଣ୍ଠଶିଳ୍ପୀ ଇରା ମହାନ୍ତି ଦର୍ଶକଙ୍କୁ ମତୁଆଲା କରିବେ । ୯ ତାରିଖରେ କୁଡୁମାଲି ସନ୍ଧ୍ୟାରେ ଗୌତମ, ପମି ଓ ଉର୍ମିଳା ମହାନ୍ତ ଗୀତ ପରିବେଷଣ କରିବେ । ୧୦ ତାରିଖ ଆଦିବାସୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବାକୁ ଆସିବେ ଆଦିବାସୀ ସୁପର ଷ୍ଟାର କଳ୍ପନା ହାଁସଦା ଓ ଟିମଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି । ସେହିପରି ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ ମଜା ଉଠାଇ ପାରିବେ ଦର୍ଶକ । ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି । ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ସେଲ୍ଫି ଜୋନର ବ୍ୟବସ୍ଥା କରାଯାଉଛି ମହୋତ୍ସବରେ । ଏଥି ସହିତ ଫୁଟବଲ୍, ଲାଖବିନ୍ଧା ପ୍ରତିଯୋଗିତା ସାଙ୍ଗକୁ ରିଲ୍ସ ପ୍ରତିଯୋଗିତାକୁ ମଧ ପ୍ରାଧାନ୍ୟ ଦିଆଯାଇଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମନଙ୍କ ମଧ୍ୟରେ ବିପ୍ଳବ ବୁଗୁଡେଇ, ଲଡ୍ଡୁକେଶ୍ୱର ରଣା, ସତ୍ୟଜିତ ସୋମ, ତାପସ ପାଢ଼ୀ, ରାକେଶ ସିଂ, ନିମାଇଁ ତ୍ରିପାଠୀ, ଅରୁଣ ବରାଡ଼, ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେୟଆଉ ଦିନକ ପରେ ପୁଣି ଦୁଲୁକିବ ବାରିପଦା ସହର -ଆରମ୍ଭ ହେବାକୁ ଯାଉଛି ମୟୂରଭଞ୍ଜ ମହୋତ୍ସବ ୨୦୨୪ - ସାଂସ୍କୃତିକ ଶୋଭାଯାତ୍ରା ସହ ଶୁଭାରମ୍ଭ ହେବ ୧୧ଦିନିଆ ମହୋତ୍ସବ । ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ । ୭ମ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ । ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । ଶୁକ୍ରବାର ବାରିପଦା ଛଉ ପଡିଆଠାରେ ମହୋତ୍ସବ ଆୟୋଜକ କମିଟି ଅଧକ୍ଷ ଅସିତ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି ।

# ରାଜ୍ୟସ୍ତରୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତା ଉଦ୍ଯାପିତ

ପୁରୀ,୨୯।୧୧ (ନି.ପ୍ର) : ପୁରୀ ଜିଲ୍ଲା ସ୍କୁଲ୍ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ବାଳିକା ବିଚ୍ ଭଲିବଲ୍ ପ୍ରତିଯୋଗିତା ଉଦ୍ଯାପିତ ହୋଇଅଛି ୟଏହା ତା ୨୮-୧୧ ରୁ ଆରମ୍ଭ ହୋଇ ଦୁଇ ଦିନ ଧରି ପରିଚାଳିତ ହୋଇଥିଲା । ମୋଟ୍ ୧୧ ଗୋଟି ଜିଲ୍ଲାରୁ ୧୧୮ ଜଣ ଖେଳାଳୀ ଏଥିରେ ଅଂଶଗ୍ରହଣ କରିଥିଲେ । ପୁରୀ ବ୍ଲୁ ବିଚ୍ ଠାରେ ସ୍ୱତନ୍ତ୍ର ଭାବେ ଭଲି ଫିଲ୍ଡ ପ୍ରସ୍ତୁତ କରାଯାଇ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରାଯାଇଥିଲା । ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ, କ୍ରୀଡ଼ା ବିଭାଗ, ଜ୍ୟୋତି ପ୍ରକାଶ ପରିଡ଼ା ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର, ପୁରୀ ବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଉପସ୍ଥିତ ରହି ନିଜର ବକ୍ତବ୍ୟ ଦ୍ୱାରା ଖେଳୁଆଡ ମନୋବଳ ଜାରି ରଖି ଆସନ୍ତା ମାସରେ ହେବାକୁ ଥିବା ଜାତୀୟ ପ୍ରତିଯୋଗୀତାରେ ଓଡ଼ିଶାକୁ ଗର୍ବିତ କରାଇବା ପାଇଁ ଉତ୍ସାହିତ ଓ ପରାମର୍ଶ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଜିଲ୍ଲା ରନର୍ସପ୍ ଓ ଯାଜପୁର ଜିଲ୍ଲା ଚାମ୍ପିଅନ୍ ହୋଇଥିବା ବେଳେ ବାଳିକା ବିଭାଗରେ ବାଲେଶ୍ୱର ଜିଲ୍ଲା ରନର୍ସପ୍ ଓ ଜଗତସିଂହପୁର ଚାମ୍ପିଅନ ହୋଇଛନ୍ତି । ଆସନ୍ତା ମାସ ୧୭ ତାରିଖରୁ ଏହି ପୁରୀ ବିଚ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତାରେ ଏମାନେ ଅଂଶଗ୍ରହଣ କରିବେ । ମୁଖ୍ୟ ଅତିଥି ପ୍ରତି ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜ୍ୟୋତି ପ୍ରକାଶ ପରିଡ଼ା ଓ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚପରିଚାଳନା କରିଥିଲେ ।



# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର





ଖଣ୍ଡପଡା,୨୯।୧୧(ନିପ୍ର) ଖଣ୍ଡପଡା ବ୍ଲକ ଅଧିନ କିଆଝର ପଂଚାୟତ ଅନ୍ତର୍ଗତ ପଂଚବଟୀ ଗୋଶାଳା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ କାର ଦୁର୍ଘଟଣାରେ ୨ଜଣ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ଘୋରାଡ଼ିଆ ଗ୍ରାମର ଅବସରପ୍ରାପ୍ତ ସିଆରପିଏଫ୍ ଯବାନ୍ ପଦ୍ମଚରଣ ମହାରଣା (୬୨) ନିଜ ୱାଗ୍‌ନର କାର ନଂ ଓଡ଼ି୦୨ଏଏନ୍ ୮୭୯୪ ଯୋଗେ ତାଙ୍କର ଦେଢଶାଶୁ ମଞ୍ଜୁଲତା ମହାରଣା (୬୫) ଓ ଶାଳି ମିଳିନା ମହାରଣା (୪୨)ଙ୍କୁ କୋସ୍‌କା ମଧୁପୁର ଗ୍ରାମକୁ ଛାଡ଼ିବାକୁ ଆସୁଥିବା ସମୟରେ କିଆଝର ପଂଚବଟୀ ଗୋଶାଳା ନିକଟରେ କାର୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇ କଲ୍‌ଭର୍ଟ ତଳକୁ ଖସି ପଡ଼ିଥିଲା । ଘଟଣା ସ୍ଥଳରେ ପଦ୍ମଚରଣ ଓ ମଞ୍ଜୁଲତା ମୃତ୍ୟୁବରଣ କରିଥିବା ବେଳେ ମିଳିନା ଗୁରୁତର ଆହତ ହୋଇଥିବା ଖବର ପାଇ ଘଟଣା ସ୍ଥଳରୁ ୧୦୮ ଯୋଗେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଅଣାଯାଇଥିଲା । ଖଣ୍ଡପଡ଼ା ପୋଲିସ୍ ଦୁର୍ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଥିବା ବେଳେ ଶବ ଜବତ୍ କରାଯାଇଛି । ଗୁରୁତର ଆହତ ଥିବା ମିଳିନାଙ୍କୁ ଚିକିତ୍ସା କରାଯାଉଥିବା ବେଳେ ଶନିବାର ଉଭୟଙ୍କର ଶବ ବ୍ୟବଚ୍ଛେଦ ହେବ । ଘଟଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଶୋକାକୂଳ ପରିସ୍ଥିତି ଉପୁଜିଥିବା ଜଣାଯାଇଛି ।



କେନ୍ଦ୍ର ସ୍ୱରାଷ୍ଟ୍ର ଅମିତ ଶାହାଙ୍କୁ ବିମାନବନ୍ଦରରେ ସ୍ୱାଗତ ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ହୀରାକୁଦ ଓ ସାତକୋଶିଆ ବିକାଶ ପାଇଁ ୨୦୦ କୋଟି

**ଭୁବନେଶ୍ୱର,୨୯।୧୧:** ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୀରାକୁଦ, ସାତକୋଶିଆ ଅଭୟାରଣ୍ୟର ବିକାଶ ପାଇଁ ୨ଶହ କୋଟିର ସହାୟତା ପ୍ରଦାନ ପାଇଁ ପିଏମ ମୋଦି ଓ ସଂସ୍କୃତି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ପର୍ଯ୍ୟଟନର ଭିତ୍ତିଭୂମିକୁ ଅଗ୍ରାଧିକାର ଦେବା ଭିତ୍ତିରେ ହୀରାକୁଦ ଓ ସାତକୋଶିଆ ଅଭୟାରଣ୍ୟର ବିକାଶ ସହିତ ଏହି ଆଇକନିକ୍ ଟୁରିଷ୍ଟ ସେଂଟରକୁ ବିଶ୍ୱମାନର କରିବା ପାଇଁ ପ୍ରାୟ ୨୦୦ କୋଟି ଟଙ୍କାର ବିଶେଷ ସହାୟତା ଦେଇଥିବାରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଧନ୍ୟବାଦ। ଏହି ସହାୟତା ଉଭୟ ଅଂଚଳରେ ପର୍ଯ୍ୟଟନ ସୁବିଧାକୁ ତ୍ୱରାନ୍ୱିତ କରିବ । ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ପର୍ଯ୍ୟଟନର ବହୁତ ବଡ଼ ଭୂମିକା ରହିଛି । ଚଳିତ ଆର୍ଥିକ ବଜେଟରେ ମୋଦୀ ସରକାର ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରାଧାନ୍ୟ ଦେଇଛନ୍ତି । ମୋଦୀ ସରକାରଙ୍କ ଏହି ସହାୟତା ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ସହ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ।

ସେହିପରି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ ଯୋଜନାରେ ୨୦୧୫-୧୬ ଆର୍ଥିକ ବର୍ଷରେ ଓଡ଼ିଶାର ଗୋପାଳପୁର, ବଡ଼କୁଳ, ସାତପଡ଼ା ଓ ତାମ୍ପଡ଼ା ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୭୦ କୋଟି ୮୨ ଲକ୍ଷ ଟଙ୍କା ମଞ୍ଜୁର କରିଛି। ସେହିପରି ପ୍ରସାଦ ଯୋଜନାରେ ପୁରୀରେ ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଥିଲା। ପର୍ଯ୍ୟଟନ ମନ୍ତ୍ରଣାଳୟ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ପ୍ରଶାସନକୁ ଧାର୍ମିକ, ଆଧ୍ୟାତ୍ମିକ, ପ୍ରାକୃତିକ ଗୁରୁତ୍ୱ ବହନ କରୁଥିବା ପର୍ଯ୍ୟଟନ ସ୍ଥଳୀରେ ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ରୀୟ କ୍ଷେତ୍ର ଯୋଜନା ସ୍ୱଦେଶ ଦର୍ଶନ ଏବଂ ପ୍ରସାଦ ଜରିଆରେ ସହାୟତା ଯୋଗାଇ ଦେଇଥାଏ। ପର୍ଯ୍ୟଟନ ମନ୍ତ୍ରଣାଳୟ ଦୀର୍ଘସ୍ଥାୟୀ ପର୍ଯ୍ୟଟନସ୍ଥଳୀ ବିକାଶ ଲକ୍ଷ୍ୟରେ ସ୍ୱଦେଶ ଦର୍ଶନ ଯୋଜନାର ସମ୍ପ୍ରସାରଣ କରି ସ୍ୱଦେଶ ଦର୍ଶନ ୨.୦ କାର୍ଯ୍ୟକାରୀ କରୁଛି। ଏହି ଯୋଜନା ଅନ୍ତର୍ଗତ କୋରାପୁଟ ଓ ଦେବ୍ରିଗଡ଼ ସମେତ ସ୍ୱତନ୍ତ୍ର ଆକର୍ଷଣ ଭାବେ ଖିଣ୍ଡା ଗ୍ରାମକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଆଜି ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି।

# ରାସ୍ତାକାର୍ଯ୍ୟରେ ଅନିୟମିତତାକୁ ବିରୋଧ କରିବାରୁ ଗାଁରୁ ବାସନ୍ଦ

ଗୋପ,୨୯।୧୧(ନି.ପ୍ର.); ପୁରୀ ଜିଲ୍ଲା ଗୋପ ଥାନା ଅଧିନ କୁଆଁପଡ଼ା ପଞ୍ଚାୟତ ର ସୂଜାନଗର ଗ୍ରାମରେ ହେଉଥିବା ନିମ୍ନ ମାନର ରାସ୍ତା କାର୍ଯ୍ୟକୁ ବିରୋଧ କରିବାରୁ ଗ୍ରାମର ଗୋଟିଏ ପରିବାରର ୮ଜଣ ସଦସ୍ୟଙ୍କୁ ଗ୍ରାମରୁ ବାସନ୍ଦ ।ଋଏଭଳି ଘଟଣା ଦେଖିବାକୁ ମିଳିଛି ଖୋଦ୍ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନ ମଣ୍ଡଳୀରେ।



ସୂଚନା ଅନୁଯାୟୀ ସୂଜାନଗର ଗ୍ରାମର ବାସିନ୍ଦା ସସ୍ମିତା ପାତ୍ରଙ୍କ ଭାଇ ଶରତ ପ୍ରଧାନ କିଛିଦିନ ତଳେ ଗ୍ରାମରେ ହେଉଥିବା ରାସ୍ତାକାମରେ ବ୍ୟାପକ ଅନିୟମିତତା ଦେଖିବାରୁ ବିରୋଧ କରିଥିଲେ। ପରେ ଗ୍ରାମରେ ତାଙ୍କ ପରିବାରକୁ ନିଆଁ,ପାଣି, ମନ୍ଦିର ବନ୍ଦ କରାଯାଇଥିବା ବେଳେ କିଛି ମୁଷ୍ଟିମେୟ ବ୍ୟକ୍ତି ଗ୍ରାମରେ ଘଣ୍ଟ ବାଡେଇବା ସହ ଗ୍ରାମ ମଧ୍ୟରେ ଥିବା ଏକ ମନ୍ଦିରରେ ଗ୍ରାମବାସୀଙ୍କୁ ବସାଇ ପାଦୁକ ଛୁଆଁଇ ତାଙ୍କ ପରିବାର ସହିତ କୌଣସି ସମ୍ପର୍କ ନ ରଖିବାକୁ କହିଥିଲେ। ବର୍ତ୍ତମାନ ସସ୍ମିତାଙ୍କ ଭାଇ ଶରତଙ୍କୁ କିଛିଦିନ ତଳେ ଗ୍ରାମରେ କିଛି ବ୍ୟକ୍ତି ଆକ୍ରମଣ କରିଥିଲେ। ତେଣୁ ସେ ତାଙ୍କ ମା ଙ୍କୁ ଭଉଣୀଙ୍କ ପାଖରେ ଛାଡି ଅନ୍ୟ ସ୍ଥାନରେ ରହୁଥିବା ଜଣାପଡିଛି। ଏବେ ୭୦ବର୍ଷୀୟ ବୃଦ୍ଧା ମା ଙ୍କୁ ସାଙ୍ଗରେ ଧରି ଗୋପ ଥାନାରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଆଶାରେ ରହିଛନ୍ତି ସସ୍ମିତା। ଏହି ଘଟଣାକୁ ନେଇ ଗୋପ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା ବେଳେ ଖୋଦ୍ ଉପ ମୁଖ୍ୟମନ୍ତ୍ରୀ ଅଞ୍ଚଳରେ ଏଭଳି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆଗାମୀ ସମୟରେ ଦୋଷୀ ମାନଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆ। ଯାଉଛି ଦେଖିବାକୁ ବାକିରହିଲା।

# ୪୦ କେଜି ବାରହା ମାଂସ ଜବତ: ୨ ଗିରଫ

ଅନୁଗୁଳ,୨୯।୧୧(ନି.ପ୍ର.): ଅନୁଗୁଳ ବନଖଣ୍ଡ ପକ୍ଷରୁ ଆଜି ଅପରାହ୍ନରେ ଖିଣ୍ଡା ସେକ୍ସନ ଜଙ୍ଗଲ ବିଭାଗ ଅଧିକାରୀ ଙ୍କ ପକ୍ଷରୁ କନ୍ତମେଘ - ୧ ବିଟ ଅନ୍ତର୍ଗତ ବନ୍ଧାଣପଶି ଡିପମାଳ ସାହି ରେ ବାରହା ମାଂସ ଭାଗ ବଣ୍ଟା ହେଉଥିବା ବିଶ୍ୱସ୍ତ ସୂତ୍ର ରୁ ଖବର ପାଇ ସେଠାରେ ଚଢ଼ାଉ କରାଯାଇଥିଲାୟ ସେଠାରୁ ୪୦ କେଜି ବାରହା ମାଂସ, ପ୍ରାୟ ଦୁଇ କେଜି ଜିଆଇ ତାର, ବାଡି, କାଚ ବୋତଲ ଆଦି ଜବତ କରାଯାଇଥିଲା। ଘଟଣା ସ୍ଥଳରୁ ଧରମା ସାହୁ ଓ କପିଳ ସାହୁ ଙ୍କୁ ଗିରଫ କରାଯାଇଥିଲା। ଜବତ ମାଂସ କିଏ କେଉଁଠୁ ଆସିଲା ତାହାର ଅଧିକ ତଦନ୍ତ ପାଇଁ ବନ୍ତଲା ରେଞ୍ଜ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଚଢାଉ ରେ ରେଞ୍ଜ ଅଫିସର ନୀଳାଦ୍ରିନାଥ ସାହୁ, ଫରେଷ୍ଟର ଶ୍ରୀନିବାସ ସାହୁ ଏବଂ ଫରେଷ୍ଟ ଗାର୍ଡ ସିତୁ ବେହେରା, ଲିପକ୍ ବେହେରା, ଦୀପକ ମହାନ୍ତି ଏବଂ ହାତୀ ସ୍କ୍ୱାର୍ଡ ର ଯୋଗେଶ ସ୍ୱାଇଁ, ସୁମନ୍ତ ସାହୁ ପ୍ରମୁଖ ସାମିଲ ଥିଲେ।



# ନିଷିଦ୍ଧାଞ୍ଚଳ ରୁ ୧ଟି ଟ୍ରଲର ଜବତ

ଅସ୍ତରଙ୍ଗ,୨୯।୧୧(ନି.ପ୍ର.); ଅଲିଭି ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁହୋଇଛିୟ କିନ୍ତୁ ସରକାରଙ୍କ କଟକଣା ଉଲ୍ଲଘଂନ କରି ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ଶହ ଶହ ଟ୍ରଲର ମାଛ ଧରୁଛନ୍ତି । କିନ୍ତୁ ନିଷିଦ୍ଧାଞ୍ଚଳ ଜାରି ହେବାର ୨୮ଦିନ ମଧ୍ୟରେ ୪ ଟି ଟ୍ରଲର ଜବତ କଲାଣି ବନବିଭାଗ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳ କୋଣାର୍କ ପାଖରୁ ମା ଜଳେଶ୍ୱରୀ ନାମକ ମାଛଧରା ଟ୍ରଲର ଜବତ ହୋଇଛି। ଜବତ ଟ୍ରଲର (ଆଇଏନଡି -ଓଆର୦୪ଏମ୍ ଏମ୍ ୪୪୩)ର ମାଲିକଅସ୍ତରଙ୍ଗ ଝାଡ଼ଲିଙ୍ଗ ଅଂଚଳର ରଶ୍ମିରେଖା ନାୟକ ବୋଲି ସୂଚନା ମିଳିଛି। ଜବତ ଟ୍ରଲରରୁ ୮ ଜଣ କର୍ମଚାରୀଙ୍କୁ ବନବିଭାଗ ଅଟକ ରଖିଛି।



ନିଷିଦ୍ଧାଞ୍ଚଳ ଉକ୍ତ ଟ୍ରଲରଟି ମାଛ ମାରୁଥିବା ବେଳେ ବନବିଭାଗ ଟିମ୍, ଟର୍ଟଲ ସ୍କୁଆଡ଼ ଉକ୍ତ ଟ୍ରଲରକୁ ଜବତ କରିଥିଲେ। ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନକର୍ମଚାରୀ ଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂ ରେ ସାମିଲ ହୋଇଥିଲେ। ଜବତ ଟ୍ରଲର ମାଲିକ ଅସ୍ତରଙ୍ଗ ଅଞ୍ଚଳର ହୋଇଥିବାରୁ ଉକ୍ତ ଟ୍ରଲରକୁ ଚନ୍ଦ୍ରଭାଗା କୁ ନିଆଯାଇ ଉକ୍ତ ଟ୍ରଲରରୁ ଜବତ ମାଛ ବମ୍ଡେ ଡକ ୩ଶହ କିଗ୍ରା, କଙ୍କଡ଼ା ୩୦କିଗ୍ରା, ମିକ୍ସ ମାଛ ୫୦କିଗ୍ରା, ଲାଞ୍ଜି ୨୦କିଗ୍ରା ଓ କଡ଼ି ଚିଙ୍ଗୁଡ଼ି ୩୦କିଗ୍ରା ଜବତ ହୋଇ ନିଲାମ ହୋଇଥିଲା। ନିଲାମ କାର୍ଯ୍ୟ ସମୟରେ ସାମୁଦ୍ରିକ ମତ୍ସ୍ୟବିଭାଗ ସହକାରୀ ମତ୍ସ୍ୟଅଧିକାରୀ ସତ୍ୟବ୍ରତ ଦାସ ଙ୍କ ଶହ ସାଗର ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଲିଭି ରିଡେଲ କଇଁଛ ଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି।

# ରାଜଭବନରେ ପ୍ରଧାନମନ୍ତ୍ରୀଙ୍କ ରାତ୍ରୀ ଯାପନ

**ଭୁବନେଶ୍ୱର, ୨୯।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦିନିଆ ଓଡ଼ିଶାଗସ୍ତରେ ଆସି ଆଜି ଭୁବନେଶ୍ୱର ରାଜଭବନରେ ରାତ୍ରୀଯାପନ କରିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ଠାରେ ଏକ ବିରାଟ ଜନସମାବେଶକୁ ଉଦ୍‌ବୋଧନ ଦେବା ପରେ ରାଜଭବନ ଯାଇ ସେଠାରୁ ପୁଣି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ। ରାଜ୍ୟ କାର୍ଯ୍ୟାଳୟ ଠାରେ ସେ ପ୍ରାୟ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ କାଳ ରହିବା ପରେ ସେଠାରେ ନୈଶ୍ୟ ଭୋଜିରେ ଯୋଗ ଦେଇଥିଲେ। ଏହି ଭୋଜିରେ ଓଡ଼ିଆ ଖାଦ୍ୟ ସନ୍ତୁଳା, ସାଗଭଜା, କ୍ଷୀରୀ, ଛେନାପୋଡ଼ ଓ ଅନ୍ୟାନ୍ୟ ବହୁ ପ୍ରକାରର ସାମଗ୍ରୀ ପରିବେଷଣ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଏହି ନୈଶ୍ୟ ଭୋଜିରେ ଯୋଗ ଦେଇଥିଲେ। ବିଜେପି କାର୍ଯ୍ୟାଳୟରେ ନୈଶ୍ୟ ଭୋଜନ ସାରି ପ୍ରଧାନମନ୍ତ୍ରୀ ରାଜଭବନକୁ ଯାଇ ସେଠାରେ ରାତ୍ରୀଯାପନ କରିଛନ୍ତି।

# ଗୋଷ୍ଠୀ ଶୌଚାଳୟ ଉଦଘାଟିତ

ଜଳେଶ୍ୱର,୨୯।୧୧(ନି.ପ୍ର.); ଜଳେଶ୍ୱର ସହର ଅନ୍ତର୍ଗତ ୱାର୍ଡ ନମ୍ବର ୧୩ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଜଳେଶ୍ୱର ପୌରପାଳିକା ତରଫରୁ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟକୁ ନଗରପାଳ ପ୍ରତୀପ କୁମାର



ପ୍ରଧାନଙ୍କ ଦ୍ୱାରା ଶୁଭ ଉଦଘାଟନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ୱାର୍ଡ ନମ୍ବର ୧୩ କାଉନସିଲର ସସ୍ମିତା ପାତ୍ର, ୱାର୍ଡ ନମ୍ବର ୧୧ କାଉନସିଲ ପ୍ରତିନିଧି ଆନନ୍ଦ କର, ଆଦିତ୍ୟ ନାରାୟଣ ପାତ୍ର, ବିଦ୍ୟାଳୟର ବରିଷ୍ଠ ସଭ୍ୟ କମଳ ଚକ୍ରବର୍ତ୍ତୀ, ସମରେଶ ଦିନ୍ଦା, ଡ଼ଃ ରମାକାନ୍ତ ଭଞ୍ଜ, ଏମ.ଆଇ.ଏସ ଅଧିକାରୀ ବ୍ରଜ ଗୋପାଳ ଘୋଷ ମହାପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ ଧରିତ୍ରୀ ସିଂହ ପ୍ରମୁଖ ଉପସ୍ଥିତ ଥିଲେୟଉକ୍ତ ଶୌଚାଳୟ ନିର୍ମାଣ ପାଇଁ ୫.୮୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ ଏହି ଅବସରରେ ସୂଚନା ଦେଇଥିଲେ।

# କଡ଼ା ସୁରକ୍ଷା ବଳୟରେ ଭୁବନେଶ୍ୱର

**ଭୁବନେଶ୍ୱର, ୨୯।୧୧ :** ଡିଜିପି ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱର ଗତ କାଲି ଠାରୁ କଡା ସୁରକ୍ଷା ବଳୟ ଭିତରେ ରହିଛି। ବିମାନବନ୍ଦର ଠାରୁ ଆରମ୍ଭ କରି ଲୋକସେବା ଭବନ, ରାଜ୍ୟ ଅତିଥି ଭବନ, ଆଇପିଏସ୍ ମେସ୍, ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଅଧା ଭୁବନେଶ୍ୱର ଅଞ୍ଚଳ କମାଣ୍ଡୋ, ଏସ୍‌ପିଜି, ସିଆରପିଏଫ୍, ବିଏସ୍ଏଫ୍, ଏନ୍‌ଏସ୍‌ଜିଙ୍କ ଦ୍ୱାରା ସେନା ଛାଉଣିରେ ରହିଛି। ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମେତ ବିଭିନ୍ନ ରାଜ୍ୟର ଡିଜିପି ଓ ଡିଜି ମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଟେମ୍ପୁଲସିଟି ଭୁବନେଶ୍ୱରକୁ ଟେରର ସିଟିରେ ପରିଣତ କରିବାର ଧମକ ଦେବା ପରେ ଭୁବନେଶ୍ୱରକୁ ଏବଂ ଭିଭିଆଇପି ମାନଙ୍କୁ କଡା ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି। ଭୁବନେଶ୍ୱରରେ ଆଜିଠାରୁ ଟ୍ରାଫିକ୍ ବ୍ୟବସ୍ଥାକୁ ମଧ୍ୟ ନିୟନ୍ତ୍ରୀତ କରାଯିବା ସହିତ ସହରର ବିଭିନ୍ନ ଛକାଜାଗାରେ ଶସସ୍ତ୍ର ପୋଲିସ ବାହିନୀ ମୁତୟନ ରହି ରାଜଧାନୀର ସବୁ ଗୁରୁତ୍ୱପୂର୍ଣ୍ଣସ୍ଥାନ ଏପରିକି ଗଳିକନ୍ଦିରେ ମଧ୍ୟ ସତର୍କ ଦୃଷ୍ଟି ରଖିଛନ୍ତି। ଅନେକ ସ୍ଥାନରେ ସାଧା ପୋଷାକଧାରୀ ସଶସ୍ତ୍ର ଗୁଇନ୍ଦା ପରିସ୍ଥିତି ଉପରେ ନଜର ରଖିଛନ୍ତି।

ଲୋକସେବା ଭବନ, ରାଜଭବନ, ରାଜ୍ୟ ଅତିଥି ଭବନ, ଆଇପିଏସ ମେସ୍, ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ସୁରକ୍ଷାବଳୟ ଭିତରେ ରଖାଯାଇଛି।

ଦେଶର ନିରାପତ୍ତା ସମ୍ପର୍କରେ ରଣନୀତି ପ୍ରସ୍ତୁତ କରିବା ପାଇଁ ଏଭଳି ଜାତୀୟ ସ୍ତରର ସମ୍ମିଳନୀ ପ୍ରଥମଥର ପାଇଁ ଓଡ଼ିଶାରେ ହେଉଥିବା ଦୃଷ୍ଟିରୁ ଭୁବନେଶ୍ୱରକୁ ଏଥିପାଇଁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରାଯାଇଛି। ଭିଆଇପି ମାନେ ଯେଉଁଆଡେ ଗତାଗତ କରିବେ ସେ ସବୁ ସ୍ଥାନରେ ବା ରୁଟ୍‌ରେ ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଇଛି ଏବଂ ସିସିଟିଭି ନଜରରେ ସମଗ୍ର ଭୁବନେଶ୍ୱରକୁ ରଖାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ କମାଣ୍ଡୋମାନେ ପଇଁତରା ମାରୁଛନ୍ତି। ସହରକୁ ସଂପୂର୍ଣ୍ଣ ହାଇଆଲର୍ଟରେ ରଖାଯାଇଛି। ଏହି ସମ୍ମିଳନୀ ତିନି ଦିନ ଧରି ଚାଲିବ।

# ଜାତୀୟ ସ୍କୁଲ କ୍ରୀଡ଼ାରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ କ୍ରୀଡ଼ାବିତ

ଝଯୋଡ଼ା/ବଡ଼ବିଲ:ଝ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବି ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜମ୍ମୁରେ ୨୨ରୁ ୨୬ ନଭେମ୍ବର ଯାଏ ଚାଲିଥିବା ୬୮ ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗର ଉସୁ କ୍ରୀଡ଼ାରେ ୫ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୟ ଜଣେ ସ୍ୱର୍ଣ୍ଣ, ୩ ଜଣ ରୌପ୍ୟ ଓ ଜଣେ କାଂସ୍ୟ ପଦକ ଜିତିଛନ୍ତି ।



୪୦ କେଜି ବର୍ଗରେ ରାଜେଶ ନାଗ ସ୍ୱର୍ଣ୍ଣ, ୪୫ କେଜି ବର୍ଗରେ ମଦନ ମୁଣ୍ଡା, ୪୮ କେଜି ବର୍ଗରେ ରମେଶ ମୁଣ୍ଡା, ୩୬ କେଜି ବର୍ଗରେ ମାଳିନୀ ମୁଣ୍ଡାଙ୍କୁ ରୌପ୍ୟ ଓ ୫୨ କେଜି ବର୍ଗରେ ପରବିଲ ମୁଣ୍ଡା କାଂସ୍ୟ ପଦକ ଜିତିଛନ୍ତି । ଏହି ଚମତ୍କାର ବିଜୟରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତଙ୍କ ଏହି ବିଜୟରେ ଆମେ ଅତ୍ୟନ୍ତ ଗୌରାବନ୍ୱିତ ୟ ଏହି ସଫଳତାରେ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ପ୍ରତିଫଳିତ ହେଉଛି । ଜିନ୍ଦଲ ଫାଉଣ୍ଡେସନ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ଯୁବପ୍ରତିଭାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ୬୦ କ୍ରୀଡ଼ା ପ୍ରତିଭାଙ୍କୁ କ୍ରୀଡ଼ା ଓ ଶିକ୍ଷାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ସର୍ବୋତ୍କୃଷ୍ଟ ସୁବିଧା ଯୋଗାଇଦେଉଛି । ଜାତୀୟ ସ୍କୁଲ କ୍ରୀଡ଼ାରେ ହଷ୍ଟେଲ ଅନ୍ତେବାସୀଙ୍କ ଚମତ୍କାର ପ୍ରଦର୍ଶନ, ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଯୋଗାଇବାରେ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରତିଫଳିତ କରୁଛ ।

ଓଡ଼ିଶା ଷ୍ଟେଟ ଉସୁ ଆସୋସିଏସନ ସହ ଏକ ମଜଭୁତ ସହବନ୍ଧନ ପ୍ରତିଷ୍ଠା କରି କେନ୍ଦୁଝର ଜିଲ୍ଲାରେ ଉସୁ ଓ କିକବକ୍ସିଂକୁ ଆଗକୁ ନେବାରେ ଜିନ୍ଦଲ ଫାଉଣ୍ଡେସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଫାଉଣ୍ଡେସନର ପ୍ରୋତ୍ସାହନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ଅଗଣିତ କ୍ରୀଡ଼ା ପ୍ରତିଭା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।ଉସୁ, କିକବକ୍ସିଂ, ହକି, କ୍ରିକେଟ, ତୀରନ୍ଦାଜୀ ଭଳି କ୍ରୀଡ଼ାକୁ ଫାଉଣ୍ଡେସନର ପ୍ରୋତ୍ସାହନ ୩୦ ହଜାରରୁ ଅଧିକ ଗ୍ରାମୀଣ ଓ ଆଦିବାସୀ କ୍ରୀଡ଼ାବିତଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି ।

# ଜାତୀୟ ଜନଜାତି ମହୋତ୍ସବ ଆରମ୍ଭ

ଅନୁଗୁଳ : ଅନୁଗୁଳ ନାଲକୋ ନଗର ଠାରେ ଆଜିଠୁ ଜାତୀୟ ଜନଜାତି ମହୋତ୍ସବ ଆରମ୍ଭ ହୋଇଛି। ଏହା ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି। ପରିଚୟ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଏହି ମହୋତ୍ସବ ହେବାକୁ ଯାଉଛି ବୋଲି ପରିଚୟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁବାଶିଷ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଦ୍ୱିତୀୟ ଥର ପାଇଁ ଏହି ମହୋତ୍ସବ ନାଲକୋ ନଗରରେ ଆୟୋଜିତ ହେବାକୁ ଯାଉଛି। ୧୭ ଟି ଜିଲ୍ଲା ଏବଂ ୧୨ ଟି ରାଜ୍ୟର ଶିଳ୍ପୀମାନେ ଏହି ମହୋତ୍ସବରେ ତାଙ୍କର କାରିଗରୀ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ବିକ୍ରି କରିବେୟ ଏଠାରେ ଜନଜାତି ଓ ମହିଳା ଶିଳ୍ପୀଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ, ବସ୍ତ୍ର, ମସଲା, ହସ୍ତତନ୍ତ ଓ ଅନ୍ୟାନ୍ୟ ସାମଗ୍ରୀ ଏଠାରେ ଉପଲବ୍ଧ ହେବୟ ୧୪୦ ଟି ଷ୍ଟଲ ହେବା ସହିତ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ବିହାରର ୧୫ ଟି ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ପ୍ରତ୍ୟେକ ଦିନ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ମାଗଣାରେ ହେଲଥ୍ ଚେକ୍ ଅପ୍ କ୍ୟାମ୍ପ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପରିଚୟ ଅନୁଷ୍ଠାନର ସଦସ୍ୟ ଅମୀୟ କୁମାର ମହାନ୍ତି, ଅମିତ ସ୍ୱରୂପ ମହାପାତ୍ର, ପ୍ରଭାତ ସେଠୀ, ବିଶ୍ୱରଞ୍ଜନ ଦାସ, ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

ଭଦ୍ରକ, ୨୯।୧୧ : ଭଦ୍ରକ ଭୂମି ତ୍ୟାଗ,ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ଭଦ୍ରକ ସୁବର୍ଣ୍ଣ ସ୍ୱାକ୍ଷର ରଚିଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଭଳି ଅମର କବି ଯେପରି ଜାତୀୟବାଦୀ ସଂଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିଲେ ସେପରି ଉତ୍କଳ କେଶରୀ ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ମହମ୍ମଦ ହନିଫ୍, ନିତ୍ୟାନନ୍ଦ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, କମଳା ପ୍ରସାଦ କର ,ସର୍ଦ୍ଦାର ମୁରଲୀଧର ପଣ୍ଡା, ବୈଷ୍ଣବ ଚରଣ ନାୟକ, ମୁରଲୀଧର ଜେନା ପ୍ରମୁଖ ସଂଗ୍ରାମୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଯାହାଫଳରେ ଏହି ଭୂମିରେ ପରି ବେଓ୍ୱା ସହ ଅଠତିରିଶ ଜଣ ଶହୀଦ ହୋଇଥିଲେ ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଦ୍ୱାଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

# ଓଡିଶା ମେଡିକାଲ ସେଣ୍ଟର ତରଫରୁ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୧୧(ନି.ପ୍ର.): କେଉଁ ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି ଓ ଖ୍ରୀଷ୍ଟ ପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ ବେଦରେ ୬୭ ଗୋଟି, ଯଜୁର୍ବେଦରେ ୮୨ ଗୋଟି ଏବଂ ଅଥର୍ବ ବେଦରେ ୨୮୯ ଗୋଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ଅଛି।

ଏହାର ପରବର୍ତ୍ତୀ କାଳରେ ରଚିତ ଅଷ୍ଟାଙ୍ଗ ଆୟୁର୍ବେଦ ହେଉଛି ବିଶ୍ୱର ପ୍ରାଚୀନତମ ଚିକିତ୍ସା ପ୍ରଣାଳୀ ଯେଉଁଥିରେ ମୁଖ୍ୟତ ବୃକ୍ଷଲତା ମାନଙ୍କର ସରଳ ପ୍ରୟୋଗ ତଥା ବିଭିନ୍ନ ପ୍ରକାରର ଔଷଧ ପ୍ରସ୍ତୁତିର ବିଧି ବିଧାନ ସହିତ ରୋଗ ଚିକିତ୍ସାର ବର୍ଣ୍ଣନା ରହିଛି । ପ୍ରାଥମିକ ଉପଚାରରେ ପ୍ରୟୋଗ ହେବା ଭଳି ତଥା ଘରୋଇ ଚିକିତ୍ସା ଭାବରେ ବ୍ୟବହାର କରାଯିବା ଭଳି ପଞ୍ଚ କଷାୟ ଯେପରିକି ସ୍ୱରସ ବା ଫ୍ରେସ ଜୁଇସ, କଲ୍କ ବା କ୍ରୁବସ୍ୱଷ୍ୱର , କଷାୟ ବା ପାଚନ, ଫାଣ୍ଟ ଓ ହିମ ବା କୋଲ୍ଡ ଇନ୍ଫ୍ୟୁସନ୍‌ର ପ୍ରସ୍ତୁତି ପ୍ରଣାଳୀ ବିଷୟରେ କୁହାଯାଇଛି ଓ କେତକ ଔଷଧୀୟ ବୃକ୍ଷକୁ ଆମେ ଘରର ଅଗଣା ବା ବାଡ଼ି ବଗିଚରେ ମଧ୍ୟ ରୋପଣ କରାଯାଇ ପାରିବ ଯାହାକି ଦୈନିଦିନ ଭାବରେ ବା ଅକସ୍ମାତ ଭାବରେ ଏହାକୁ ପ୍ରୟୋଗ କରାଯାଇପାରିବ।

# ୫ ହଜାର ବାଳୁତଙ୍କ ପୃଷ୍ଟି ସାଧନ ପାଇଁ ୨୩୯ କ୍ରେଚ୍ କେନ୍ଦ୍ର କାର୍ଯ୍ୟକ୍ଷମ

ବାରିପଦା/ରାଇରଙ୍ଗପୁର/କରଞ୍ଜିଆ,୨୮।୧୧(ନି.ପ୍ର.): ଓଡିଶା ସରକାରଙ୍କ ଓମ୍ୱାଡିସି କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ସାରସକଣା, ବିଶୋଇ, ବିଜାତଳା, ବହଳଦା, ତିରିଂ, ରାଇରଙ୍ଗପୁର, ଜଷମଦକ୍ଷ, କୁସୁମୀ ଆଦି ଆଠ ଗୋଟି ବ୍ଲକରେ ୨୩୯ ଗୋଟି ପୃଷ୍ଟି ବାଧିତ ଚିହ୍ନଟ ଗ୍ରାମରେ ୫୦୦୦ ରୁ ଉର୍ଦ୍ଧ ୬ ମାସରୁ ୩ ବର୍ଷ ଶିଶୁଙ୍କ ପାଇଁ କ୍ରେଚ୍ କେନ୍ଦ୍ର ଆର.ଡି.ଏ.ସି. ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ମାଧ୍ୟମରେ ଚାଲୁ ଅଛି।

ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀ ମାନେ ୮ ଗୋଟି ବ୍ଲକର ବି.ଡି.ଓ, ସି.ଡି.ପି.ଓ , ବ୍ଲକ ଚେୟାରମ୍ୟାନ , ଉପସଭାପତି ପଞ୍ଚାୟତିରାଜ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା, ତଥା ଗ୍ରାମର ମାନ୍ୟଗନ୍ୟ ବରିଷ୍ଠ ନାଗରିକ ଓ ଶିକ୍ଷାବୀତ ମାନେ ଏହି କ୍ରେଚ୍ କେନ୍ଦ୍ର ଗୁଡିକର ଉଦ୍ଘାଟନ କରିଛନ୍ତି । ତତମଧ୍ୟରେ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ ଆଇ.ଏ.ଏସ. ଉପଜିଲ୍ଲାପାଳ ରାଇରଙ୍ଗପୁର, ରାଇରଙ୍ଗପୁର ବ୍ଲକ ର ହଳଦକ୍ଷ ଗ୍ରାମରେ, ସମସ୍ତ ବ୍ଲକ ବି.ଡି ଓ , ସି .ଡି .ପି.ଓ , ପଞ୍ଚାୟତ ସମିତି ଅଧକ୍ଷ , ଉପାଧକ୍ଷଙ୍କ ସମେତ ନାରାୟଣ ବେହେରା ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ସକ୍ଷରସକଣା ବ୍ଲକରେ ଏକଡାଳି ଗ୍ରାମରେ, ମମତା ମୟୀ ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନୂଆଗାଁ ଗ୍ରାମରେ, ମନୋରଥ ଜଗନ୍ନାଥ, ଡି.ପି.ଏମ. ମମତା ଓ ସୁଭଦ୍ରା ଯୋଜନା ବଣସକ୍ଷହି କ୍ରେଚ୍ କେନ୍ଦ୍ରକୁ ଉଦ୍ଘାଟନ କରିଛନ୍ତି।

ସମାଜର ସବୁ ସ୍ତର ଲାଭାର୍ଥୀଙ୍କର ସହଯୋଗ ଓ ଯୋଗଦାନକୁ ପ୍ରାଧାନ୍ୟ ଦିଆଯାଇ, ୨୩୯ ଟି ଗ୍ରାମରେ ୫୦୦୦ ରୁ ଉର୍ଦ୍ଧ ୬ ମାସରୁ ୩ ବର୍ଷ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କ୍ରେଚ୍ କେନ୍ଦ୍ରରେ ୨ ଜଣ ମହିଳା କ୍ରେଚ୍ କର୍ମୀ ନିଯୁକ୍ତି ପାଇଥିବା ସ୍ଥଳେ ଗ୍ରାମର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଗ୍ରାମର ମହିଳା ସ୍ୱୟଂ ସହାୟିକା ନେତ୍ରୀ ଓ ଗ୍ରାମ ୱାର୍ଡମେମ୍ବର କ୍ରେଚ୍ କେନ୍ଦ୍ର ର ପରିଚାଳନା ଓ କାର୍ଯ୍ୟକ୍ରମର ତଦାରଖ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ।

ସୂଚନାନୁସାରେ, ଏହି ଓମ୍ୱାଡିସି କ୍ରେଚ୍ କେନ୍ଦ୍ର ମାନଙ୍କର ଦୈନନ୍ଦିନ ଖାଦ୍ୟ ସରଣୀ ଅନୁଯାୟୀ ଶିଶୁଙ୍କ ପାଇଁ ଖାଦ୍ୟ ପରସା ଯିବ କ୍ଷ କେନ୍ଦ୍ର ଗୁଡିକ ସକାଳେ ୮ ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ଖୋଲା ରହିବ କ୍ଷ କର୍ମଜିବୀ ମହିଳା ତାଙ୍କର ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ କ୍ରେଚ୍ କର୍ମୀଙ୍କର ଦାୟିତ୍ୱରେ ହସ୍ତାନ୍ତର କରିଯିବେ ଓ କାମରୁ ଫେରିଲା ପରେ କେନ୍ଦ୍ରରୁ ଶିଶୁଟିକୁ ଘରକୁ ନେଇଯିବେ।

କ୍ରେଚ୍ କେନ୍ଦ୍ରରେ ଶିଶୁଟି ଖାଦ୍ୟ, ମନୋରଞ୍ଜନ, ଖେଳ, ଔଷଧ ସେବନ ଓ ନିରାପଦ ପରିବେଶରେ ରହିବାର ବ୍ୟବସ୍ଥା ହୋଇଅଛି। ଯୋଜନା ଅନୁଯାୟୀ କ୍ରେଚ୍ କେନ୍ଦ୍ର ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଓ ଆବଶ୍ୟକ ପ୍ରତିଷେଧକ ଟୀକା ଆଦି ପାଇବେ। ଶିଶୁଟି ବୃଦ୍ଧି ରେକର୍ଡର ସମସ୍ତ ବିବରଣୀ କ୍ରେଚ୍ କେନ୍ଦ୍ରରେ ଉପଲବ୍ଧ ହେବ। ଓମ୍ୱାଡିସି କ୍ରେଚ୍ କେନ୍ଦ୍ର ଗ୍ରାମର ସମୁଦାୟ ମାଲିକାନାରେ କାର୍ଯ୍ୟକାରୀ ହେବ ।କ୍ରେଚ୍ କେନ୍ଦ୍ର ପରିଚାଳନା ସମୟରେ ଉପୁଜିଥିବା କୌଣସି ପ୍ରକାରର ଅଭିଯୋଗ ଗ୍ରାମ ସମୁଦାୟ ଦ୍ୱାରା ବୁଝାମଣା ଭିତ୍ତିରେ ଶିଶୁଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନ ହେବ।

ପ୍ରକାଶ ଥାଉକି, ସାରସକଣା ବ୍ଲକ ଅଧିନସ୍ଥ ଭରଶାଣୀ ନୂଆଗାଁ ଗ୍ରାମର କ୍ରେଚ୍ କେନ୍ଦ୍ରକୁ ଶ୍ରୀମତୀ ମମତା ମୟୀ ବିଶ୍ୱାଳ ପୋଷ୍ୟ କ୍ରେଚ୍ କେନ୍ଦ୍ର ରୂପେ ଗ୍ରହଣ କରିଛନ୍ତି । ଯାହାକି ଓମ୍ୱାଡିସି କ୍ରେଚ୍ ପ୍ରକଳ୍ପ ଦ୍ୱାରା ପରିଚାଳିତ କ୍ରେଚ୍ କେନ୍ଦ୍ର ଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିଛି । ଏହି ଉଦ୍ଘାଟନ ଉତ୍ସବରେ ଆର.ଡ଼ି.ଏ.ସି ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାଧନ ଦାଶ ଓ ଶ୍ରୀ ଗୁଣନିଧି ଧାରୁଆ। ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନେ ଅନୁଷ୍ଠିତ ହୋଇଥିବା ସ୍ଥଳେ ୮ ଟି ବ୍ଲକର କ୍ଲଷ୍ଟର ମ୍ୟାନେଜର, ସୁପର ଭାଇଜର, କ୍ରେଚ୍‌ସ୍ୱେଚ୍ଛାସେବୀ ମାନେ କ୍ରେଚ୍‌କେନ୍ଦ୍ର ମାନଙ୍କର ଉଦ୍ଘାଟନ ସଫଳ କରିବାରେ ସହଯୋଗ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9040699332; 9778071104 **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ